**ଅଲ୍ଲାଃତାଲାଙ୍କ ବାଣୀ**

وَعَدَ اللّٰهُ الَّذِیۡنَ اٰمَنُوۡا مِنۡکُمۡ وَعَمِلُوا الصّٰلِحٰتِ لَیَسۡتَخۡلِفَنَّهُمۡ فِی الۡاَرۡضِ کَمَا اسۡتَخۡلَفَ الَّذِیۡنَ مِنۡ قَبۡلِهِمۡ -

ଅର୍ଥାତ ତୁମମାନଙ୍କ ମଧ୍ଯରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ ସମ୍ପାଦାନ କରୁଛନ୍ତି, ସେମାନଙ୍କ ସହିତ ଅଲ୍ଲାଃତାଲା ଏହି ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଟରେ ଅବଶ୍ୟ ଖଲିଫା କରିଦେବେ, ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ ୮

**ସମ୍ପାଦକ:** କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: ୧୪-୨୧

ବାର୍ଷିକ ଦେୟ : ୬୦୦/-

www.akhbarbadarqadian.in

25-18 ମେ,25 -28 ହିଜ୍ରତ୍ 1402 ହି.ଶ, 27 ଶୱାଲ୍ ଜିକାଦା 1444 ହି.କ

ଅଲହମଦୁ ଲିଲ୍ଲାଃ ସୟେଦିନା ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି । ଆପଣ ସମସ୍ତ ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ହୁଜୁର ଅନୱର ଅ.ବଙ୍କ ସ୍ୱାସ୍ଥ୍ୟ ତଥା ଦୀର୍ଘାୟୁ ଓ ନିଜର ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ, ବିଶେଷ ସୁରକ୍ଷା ନିମନ୍ତେ ପ୍ରାର୍ଥନା ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କ ସର୍ବଦା ରକ୍ଷକ ଓ ସହାୟକ ହୁଅନ୍ତୁ ତଥା ହୁଜୁର ଅନୱର ଅ.ବଙ୍କୁ ସାହାଯ୍ୟ କରନ୍ତୁ । ଆମିନ୍ ।


# ଖିଲାଫତ୍ ସଂଖ୍ୟା

**ତୁମ ନିମନ୍ତେ ଅନ୍ୟ ଏକ ଦୈବ୍ୟ ମାୟା ବା ଶକ୍ତି ଅବଲୋକନ କରିବା ମଧ୍ୟ ଏକାନ୍ତ ବାଞ୍ଛନୀୟ ତାହାର ଆଗମନ ତୁମ ପକ୍ଷେ ଉତ୍ତମ ଅଟେ । କାରଣ ତାହା ସାର୍ବକାଳୀକ ଅଟେ । ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ । ମୁଁ ଈଶ୍ୱରଙ୍କ ଏକ ସାକ୍ଷାତ ଦୈବୀୟ ଅବତାର ଅଟେ । ମୋ ପରେ ଆହୁରି ଅନେକ ଅନ୍ୟ ଦୈବୀୟ ଅସ୍ତିତ୍ୱ ଆବିର୍ଭୂତ ହେବେ ଯେଉଁମାନେ ଅନ୍ୟ ଅଲୌକିକ ଐଶୀ ଶକ୍ତିର ଅଧିକାରୀ ଓ ପ୍ରକାଶକାରୀ ହେବେ ।**

## ହ. ମସିହ୍ ମଉଦ୍ ଅ.ସଙ୍କ ନୀତି ବାଣୀ

ହେ ମୋର ପ୍ରିୟଜନମାନ ! ଆବାହମାନ କାଳରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହି ଆସିଛି ଯେ ସେ ଦୁଇଟି ଦୈବୀୟ ଶକ୍ତି (ମାୟା ବା ଲୀଳା) ପ୍ରଦର୍ଶନ କରିଥାନ୍ତି । କାରଣ ସେ ଯେପରି ବିରୋଧୀମାନଙ୍କର ଦୁଇଟି ମିଥ୍ୟାମୂଳକ ଆନନ୍ଦକୁ ସମାପ୍ତ କରି ଦେଖାଇ ଦିଅନ୍ତୁ । ବର୍ତ୍ତମାନ ଏହା ଆଉ ସମ୍ଭବପର ନୁହେଁ ଯେ, ପ୍ରଭୁ ନିଜର ପୁରାତନ ପରମ୍ପରାକୁ ପରିତ୍ୟାଗ କରିଦେବେ । ଅତଃ ମୁଁ ତୁମମାନଙ୍କ ନିକଟରେ ଯେଉଁ କଥା କହିଲି, ତୁମେ ତାହାକୁ ଶୁଣି ମର୍ମାହତ ହୁଅ ନାହିଁ । ତୁମ ହୃଦୟ ଏଥିପାଇଁ ଚିନ୍ତିତ ନହେଉ । କାରଣ ତୁମ ସକାଶେ ଅନ୍ୟ ଏକ ଦୈବୀୟ ଶକ୍ତି ବା ମାୟା ଦେଖିବା ମଧ୍ୟ ଆବଶ୍ୟକ ଏବଂ ତାହାର ଆଗମନ ମଧ୍ୟ ତୁମମାନଙ୍କ ପକ୍ଷେ ଉତ୍ତମ ସାବ୍ୟସ୍ତ ହେବ । କାରଣ ତାହା ଚିରକାଳ ଅଟେ । ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଖଣ୍ଡିତ ହେବ ନାହିଁ । ବରଂ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟହାତ ରହିବ । ଯେପର୍ଯ୍ୟନ୍ତ ମୁଁ ଯାଇ ନାହିଁ ଅର୍ଥାତ ଯେପର୍ଯ୍ୟନ୍ତ ମୋର ମୃତ୍ୟୁ ଘଟି ନାହିଁ ସେପର୍ଯ୍ୟନ୍ତ ସେହି ଦ୍ୱିତୀୟ ଦୈବ୍ୟ ଅସ୍ତିତ୍ୱ ଆସିପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଏହି ମର୍ତ୍ତ୍ୟଧାମରୁ ପ୍ରଭୁଙ୍କ ନିକଟକୁ ବାହୁଡ଼ିଯିବି ସେତେବେଳେ ପ୍ରଭୁ ସେହି ଦ୍ୱିତୀୟ ଶକ୍ତିକୁ ତୁମ ସକାଶେ ପ୍ରେରଣ କରିଦେବେ ଯେକି ସର୍ବଦା ତୁମ ସହିତ ଜଡ଼ିତ ରହିବ । ଯେପରିକି ପ୍ରଭୁ ବରାହିନେ ଅହମଦିୟାରେ ପ୍ରତିଶୃତି ଦେଇଛନ୍ତି । ସେହି ପ୍ରତିଶୃତି କେବଳ ମୋର ଅସ୍ତିତ୍ୱ ପାଇଁ ନୁହଁ ବରଂ ତୁମମାନଙ୍କ ପକ୍ଷେ ଉକ୍ତ ପ୍ରତିଶୃତି ରହିଛି । ଯେପରିକି ପ୍ରଭୁ ପବିତ୍ର କୁରଆନ୍‌ରେ କୁହନ୍ତି, **"ଆମ୍ଭେ ଉକ୍ତ ସଂପ୍ରଦାୟକୁ ଯେଉଁମାନେ ତୁମ୍ଭର ଅନୁଗାମୀ ଅଟନ୍ତି ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରୁଥିବୁ ।"** ଅତଃ ସେହି ଦିନଟି ଖୁବ୍ ନିକଟବର୍ତ୍ତୀ ଯେ, ତୁମମାନଙ୍କ ଠାରୁ ମୁଁ ବିଦାୟ ନେବା ପରେ ତୁମମାନଙ୍କ ପକ୍ଷେ ପ୍ରଭୁଙ୍କ ସେହି ପ୍ରତିଶୃତି ପୂର୍ଣ୍ଣ ହେବ ଏବଂ ତାହା ଚିରକାଳୀନ ପ୍ରତିଶୃତିର ଦିବସ ସାବ୍ୟସ୍ତ ହେବ । ପ୍ରଭୁ ଯେକି ଆମମାନଙ୍କର ଈଶ୍ୱର ଅଟନ୍ତି, ପ୍ରତଶୃତି ରକ୍ଷାକାରୀ ତଥା ପ୍ରତିଶୃତି ପାଳନକାରୀ, ବିଶ୍ୱସ୍ତ ଓ ସତ୍ୟବାଦୀ ପ୍ରଭୁ ଅଟନ୍ତି । ପ୍ରଭୁ ତୁମମାନଙ୍କ ସହିତ ଯେଉଁ ପ୍ରତିଶୃତି କରିଛନ୍ତି ତାହାକୁ ଅବଶ୍ୟ ପାଳନ କରିବେ ଏବଂ ତୁମମାନଙ୍କୁ ସେ ସେହି ଐଶୀ ଶକ୍ତି ଅବଲୋକନ କରାଇବେ ଯେଉଁ ଐଶୀ ଅସ୍ତିତ୍ୱକୁ ସେ ତୁମମାନଙ୍କୁ ଦେଖାଇବା ନିମନ୍ତେ ପ୍ରତିଶୃତି କରିଛନ୍ତି। ଦେଖିବାକୁ ଗଲେ ଆମେମାନେ ବର୍ତ୍ତମାନ ଯେଉଁ ଯୁଗରେ ଅଛେ ତାହା ସଂସାରର ଶେଷ ଦିବସ ଅଟେ ଏବଂ ଅନେକ ବିପତ୍ତିର ଦିନ ଓ ବିପତ୍ତି ଅବତୀର୍ଣ୍ଣ ହେବାର ସମୟ ଅଟେ। କିନ୍ତୁ ଏହା ଆବଶ୍ୟକ ଯେ, ଯେପର୍ଯ୍ୟନ୍ତ ପ୍ରଭୁଙ୍କର ସେହି ସମସ୍ତ ପ୍ରେତିଶୃତି ପୂର୍ଣ୍ଣ ହୋଇଯାଇ ନାହିଁ ଯହା ସଂପର୍କରେ ପ୍ରଭୁ ମୋତେ ସୂଚିତ କରିଥିଲେ, ସେପର୍ଯ୍ୟନ୍ତ ଏହି ଜଗତ ସେହିପରି ଦଣ୍ଡାୟମାନ ଓ ତିଷ୍ଠି ରହିବ । ମୁଁ ପ୍ରଭୁଙ୍କ ପକ୍ଷରୁ ତାହାଙ୍କର ଏକ ଅଲୌକିକ ଶକ୍ତି ସ୍ୱରୂପ ଓ ଅସ୍ତିତ୍ୱ ଆକାରରେ ପ୍ରାଦୁର୍ଭୂତ ହୋଇଅଛି, ମୁଁ ପ୍ରଭୁଙ୍କର ସାକ୍ଷାତ୍ ଅଲୌକିକ ଅସ୍ତିତ୍ୱ ଅଟେ ଏବଂ ମୋ ପରେ ଅନ୍ୟ ଯେଉଁ ଅସ୍ତିତ୍ୱ ଆବିର୍ଭୂତ ହେବେ ସେମାନେ ଅନ୍ୟ ଅଲୌକିକ ଶକ୍ତିର ଅଧିକାରୀ ତଥା ପ୍ରକାଶକ ହେବେ । ଅତଏବ ତୁମେମାନେ ପ୍ରଭୁଙ୍କର ସେହି ଦ୍ୱିତୀୟ ଐଶୀ ଶକ୍ତି ବା ଅସ୍ତିତ୍ୱର ଅପେକ୍ଷାରେ ଏକତ୍ରିତ ହୋଇ ପ୍ରାର୍ଥନା କରୁଥାଅ । ତୁମମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ପ୍ରତ୍ୟେକ ପୁଣ୍ୟବାନ ବ୍ୟକ୍ତିମାନଙ୍କର ଗୋଷ୍ଠୀ ପ୍ରତ୍ୟେକ ଦେଶରେ ଏକତ୍ରିତ ହୋଇ ପ୍ରାର୍ଥନାରେ ନିମଜ୍ଜିତ ରୁହନ୍ତୁ । କାରଣ ସେହି ଦ୍ୱିତୀୟ ଅଲୌକିକ ଶକ୍ତି ବା ମାୟା ଆକାଶରୁ ଅବତୀର୍ଣ୍ଣ ହୁଅନ୍ତୁ ଏବଂ ସେହି ଅଲୌକିକ ଅସ୍ତିତ୍ୱ ତୁମମାନଙ୍କୁ ଏହା ଦେଖାଇ ଦେଅନ୍ତୁ କି ତୁମମାନଙ୍କର ଭଗବାନ ଏହିପରି ଅପୂର୍ବ ଓ ଅଲୌକିକ ଶକ୍ତିର ଅଧିକାରୀ ଅଟନ୍ତି। ତୁମେମାନେ ନିଜର ମୃତ୍ୟୁକୁ ନିକଟବର୍ତ୍ତୀ ବୋଲି ମନେକର । କାରଣ ତୁମେମାନେ ତତ୍‌ସଂକ୍ରାନ୍ତରେ ଅବଗତ ନୁହଁ ଯେ, ସେହି ସମୟ କେତତେବେଳେ ଆସିଯିବ ।

ତୁମମାନଙ୍କ ପକ୍ଷେ ଏହା ଅପରିହାର୍ଯ୍ୟ ଯେ, ଜମାଅତ୍‌ରେ ଯେଉଁ ସଦାଚୀରୀ ବ୍ୟକ୍ତିମାନେ ଅଛନ୍ତି ସେମାନେ ମୋର ନାମରେ ଲୋକମାନଙ୍କ ଠାରୁ ବୈଅତ୍ ନିଅନ୍ତୁ । ଅଲ୍ଲାଃତାଲା ଏହି ଆଶା ପୋଷଣ କରନ୍ତି ଯେ, ସେ ସେହି ସମସ୍ତ ପୁଣ୍ୟାତ୍ମାମାନଙ୍କୁ ଯେଉଁମାନେ ପୃଥିବୀର ବିଭିନ୍ନ ଭୂଖଣ୍ଡରେ ବାସ କରୁଛନ୍ତି, ସେମାନେ ଏସିଆ ମହାଦେଶରେ ବାସ କରନ୍ତୁ କିମ୍ବା ୟୁରୋପେ ବାସ କରନ୍ତୁ ଅବା ସେହି ସମସ୍ତ ସଦଚାରୀ ବ୍ୟକ୍ତିମାନେ ଏକେଶ୍ୱରବାଦ ଆଡ଼କୁ ଅକର୍ଷିତ ହୋଇ ଚାଲି ଆସନ୍ତୁ ଏବଂ ଭକ୍ତମାନଙ୍କୁ ଗୋଟିଏ ଧର୍ମରେ ଏକତ୍ରିତ କରନ୍ତୁ । ଏହା ହିଁ ପ୍ରଭୁଙ୍କର ମୂଳ ଅଭିପ୍ରାୟ ଯେଉଁଥିପାଇଁ ମୋତେ ଉକ୍ତ ସଂସାରକୁ ପ୍ରେରଣ କରାଯାଇଛି । ସୁତରାଂ ତୁମେମାନେ ଉକ୍ତ ଅଭିପ୍ରାୟର ଅନୁକରଣ କର । କିନ୍ତୁ ବିନୀତତା, ଉତ୍ତମ ଚରିତ୍ର ଓ ପ୍ରାର୍ଥନା ଉପରେ ଜୋର ଦିଅ । ଯେପର୍ଯ୍ୟନ୍ତ ମୋ ପରେ କୌଣସି ବ୍ୟକ୍ତି ପ୍ରଭୁଙ୍କ ଠାରୁ ଆଜ୍ଞା ପ୍ରାପ୍ତ କରି ଛିଡ଼ା ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ମିଳିମିଶି କାର୍ଯ୍ୟ କରୁଥାଅ । **(ଅଲ ୱସିୟତ୍ )**

لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

"مَنْ خَرَجَ مِنَ الْجَمَاعَةِ قَيْدَ شِبْرٍ فَقَدْ خَلَعَ رِبْقَةَ الْاِسْلَامِ مِنْ عُنُقِهٖ" (حدیث)

**"ଯେଉଁ ବ୍ୟକ୍ତି ଜମାଅତରୁ କିଞ୍ଚିତ୍ ମାତ୍ର ପୃଥକ ହେଲା ସେ ନିଜକୁ ଇସଲାମ୍ ଧର୍ମ ଠାରୁ ମୁକ୍ତ କରାଇ ନେଲା ।**

ପ୍ରିୟ ମୁନିବ ସୟେଦିନା ହ. ମୁହମ୍ମଦ ସ.ଅଙ୍କ ଭବିଷ୍ୟବାଣୀ ଥିଲା ଯେ, ଉମ୍ମତେ ମୁହମ୍ମଦିୟାରେ ଶେଷ ଯୁଗରେ ଇମାମ୍ ମେହଦୀ ଅବତୀର୍ଣ୍ଣ ବା ଆବିର୍ଭୂତ ହେବେ । ହ. ମିର୍ଜା ଗୁଲାମ ଅହେମଦ୍ ଅ.ସ କାଦିୟାନୀ ଏହି ଦାବି କରିଥିଲେ ଯେ, ଆଁହଜରତ୍ ସ.ଅଙ୍କର ଭବିଷ୍ୟବାଣୀ ଅନୁଯାୟୀ ଏହି ଯୁଗର ସଂସ୍କାରକ, ମସିହ୍ ଓ ମେହଦୀ ମୁଁ ହିଁ ଅଟେ । ଆପଣ ସ.ଅ ଉମ୍ମତି (ଅର୍ଥାତ ଆଁହଜରତ ସ.ଅଙ୍କ ସଂପ୍ରଦାୟରୁ ଅଟନ୍ତି) ହେବାର ଦାବି କରିଥିଲେ । ଆପଣ ଅ.ସ କହିଲେ ଯେ, ମୋର ନିଜର ବ୍ୟକ୍ତିଗତ କିଛି ନାହିଁ । ଯାହାକିଛି ରହିଛି ତାହା କେବଳ ହ. ମୁହମ୍ମଦ ସ.ଅଙ୍କର ହିଁ ଅଟେ ଏବଂ ଉମ୍ମତି ନବୀ ହେବାର ଯଥାର୍ଥତା କହିଲେ, ଜଣେ ବ୍ୟକ୍ତିର କିଛି ନଥିବ ବା ଜଣେ ବ୍ୟକ୍ତି ପାଖରେ ତା'ର ନିଜସ୍ୱ କିଛି ବି ନଥିବ । ବରଂ ମୋତେ ସବୁକିଛି ପ୍ରିୟ ନବୀ କରୀମ ସ.ଅଙ୍କ ଅନୁକରଣତ୍ୱ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଛି । ଆମର ଅଣ ଅହେମଦି ମୁସଲମାନ ଭାଇମାନେ ମଧ୍ୟ ଏକଥା ସ୍ୱୀକାର କରନ୍ତି ଯେ, ହ. ଇସା ଅ.ସ ଯେତେବେଳେ ଆକାଶରୁ ଅବତୀର୍ଣ୍ଣ ହେବେ ସେତେବେଳେ ସେ ଜଣେ ଉମ୍ମତି ହୋଇ ଅବତୀର୍ଣ୍ଣ ହେବେ । ଅର୍ଥାତ ଗୈର୍ ଅହେମଦିମାନେ ମଧ୍ୟ ଉମ୍ମତି ନବୀ ହେବା କଥାକୁ ସ୍ୱୀକାର କରନ୍ତି । କିନ୍ତୁ ସମସ୍ୟା ଏହିକି ଯେ, ପବିତ୍ର କୁରଆନ୍ ନାନା ସ୍ଥାନରେ ହ. ଇସା ଅ.ସଙ୍କ ମୃତ୍ୟୁ ସଂପର୍କରେ ଘୋଷଣା କରିଥାଏ। ଅତଃ ହଦିସ୍ ଓ ପବିତ୍ର କୁରଆନରେ ଯେଉଁ ଇସାଙ୍କ ଆଗମନର ସୂଚନା ପ୍ରଦାନ କରାଯାଇଥିଲା ବାସ୍ତବରେ ତାହା ଏହି ଉମ୍ମତରୁ ହିଁ ଆସିବେ । ଯଦିଚ ସେହି ଉମ୍ମତି ନବୀ ହ. ଇସା ଅ.ସଙ୍କ ପରି ସ୍ୱଭାବ ଓ ଆଚରଣର ଅଧିକାରୀ ହୋଇଥିବେ, ଏଣୁ ତାହାଙ୍କ ନାମ ମସିହ୍ ଓ ତାହାଙ୍କୁ ମସିହ୍ ବୋଲି ଆଖ୍ୟାୟିତ କରାଗଲା। ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିୟାନୀ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମାର୍ଗଦର୍ଶକ ଅ.ସଙ୍କ ବିୟୋଗ ପରେ ୧୯୦୮ ମସିହାରୁ ଜମାଅତ୍ ଅହେମଦିୟାରେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ । ସେହି ଖିଲାଫତ୍ ସଂକ୍ରାନ୍ତରେ ଆଁହଜରତ ସ.ଅ ବହୁ ପୂର୍ବରୁ ସୂଚନା ପ୍ରଦାନ କରି ସାରିଥିଲେ। ତେଣୁ ଏକ ଦୀର୍ଘ ହଦିସ୍‌ରେ ଆଁହଜରତ ସ.ଅ ଇସ୍‌ଲାମ୍ ଧର୍ମର ବିଭିନ୍ନ ଯୁଗର ଚର୍ଚ୍ଚା କରି ସାରିବା ପରେ କହିଲେ, ثُمَّ تَكُوْنُ خِلَافَةٌ عَلٰى مِنْهَاجِ النُّبُوَّةِ ଅର୍ଥାତ ଅବତାରତ୍ୱ ପଥ ଅନୁଯାୟୀ ପୁନର୍ବାର ଖିଲାଫତ୍ ବ୍ୟବସ୍ଥା ପ୍ରଚଳନ ହେବ । ଏହାପରେ ଆଁହରତ ସ.ଅ ନୀରବ ରହିଲେ ଏବଂ ଅତିରିକ୍ତ କୌଣସି ଯୁଗର ଚର୍ଚ୍ଚା କଲେ ନାହିଁ । ତହିଁରୁ ଏହା ପ୍ରମାଣିତ ହୁଏ ଯେ, ନବୁଓତ୍‌ର ମାର୍ଗ ଅନୁଯାୟୀ ଖିଲାଫତ୍ ବ୍ୟବସ୍ଥା ପ୍ରଳୟ ଦିବସ ପର୍ଯ୍ୟନ୍ତ ପ୍ରଲମ୍ବିତ ଅର୍ଥାତ ଅବ୍ୟାହତ ରହିବ । ଅତଏବ ଜମାଅତ୍ ଅହେମଦିୟାରେ ଦୀର୍ଘ ୧୧୫ ବର୍ଷ ଧରି ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି । ଉକ୍ତ ଖିଲାଫତ୍ ହେଉଛି ସତ୍ୟତାର ଏହି ଜ୍ୱଳନ୍ତ ପ୍ରମାଣ । ଏହା କହିବା ଯଥେଷ୍ଟ ହେବ ଯେ, ମୁସଲମାନମାନଙ୍କ ମଧ୍ୟରୁ ଖିଲାଫତ୍ ବ୍ୟବସ୍ଥା ସମାପ୍ତ ହୋଇଗଲା । ଖଲିଫତୁଲ୍ ମୁସ୍‌ଲିମିନ୍ ହେବାର ଯେଉଁ ଅଭିଳାଷା ରହିଥିଲା ତାହା ସଂପୂର୍ଣ୍ଣ ରୂପେ ସମାପ୍ତ ହୋଇଗଲା । କିନ୍ତୁ ପ୍ରକୃତ ଖିଲାଫତ୍ କହିଲେ ସେହି ଖିଲାଫତକୁ ବୁଝାଏ ଯାହାକି ଦୀର୍ଘ ୧୧୫ ଧରି ନିର୍ବିଘ୍ନରେ ଅବ୍ୟାହତ ରହିଛି । ଏହାର ଭବ୍ୟତା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଛି । ଏହି ଖିଲାଫତ୍ ବ୍ୟବସ୍ଥାକୁ ନିଶ୍ଚିହ୍ନ କରିବାର ଦୁର୍ବାର ଅଭିଳାଷା ରଖୁଥିବା ଅଭିଳାଷକାରୀ ବ୍ୟକ୍ତିମାନେ ସ୍ୱୟଂ ଏହି ସଂସାରରୁ ନିଶ୍ଚିହ୍ନ ହୋଇଗଲେ । କିନ୍ତୁ ଏହି ଖିଲାଫତ୍ ବ୍ୟବସ୍ଥାଟି ନା ନିଶ୍ଚିହ୍ନ ତଥା ସମାପ୍ତ ହୋଇପାରିଲା ଓ ନା ହିଁ ତାହା ଆଗାମୀ ସମାପ୍ତ ହେବ ।

ଅଲ୍ଲାଃତାଲା ସୁରାହ୍ ନୁର୍‌ରେ ଉମ୍ମତେ ମୁହମ୍ମଦିୟରେ ଖିଲାଫତ୍ ସ୍ଥାପନ ହେବାର ପ୍ରତିଶୃତି ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା କୁହନ୍ତି,

وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِى الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ وَلَيُمَكِّنَنَّ لَهُمْ دِيْنَهُمُ الَّذِى ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا يَعْبُدُوْنَنِىْ لَا يُشْرِكُوْنَ بِىْ شَيْـًٔا وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ ﴿۵۶﴾

**(سورہ نور آیت :56)**

ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଁଉମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ ସମ୍ପାଦାନ କରୁଛନ୍ତି, ସେମାନଙ୍କ ସହିତ ଅଲ୍ଲାଃତାଲା ଏହି ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ, ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କର ଭୟପ୍ରଦ ଅବସ୍ଥାକୁ ପରେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ। ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀଙ୍କ ମଧ୍ୟରେ ଗଣ୍ୟ ହେବେ ।

କୌଣସି ବ୍ୟକ୍ତି ଏକଥା ନ ବିଚାର କରୁ କି مِنْكُمْ ରୁ ଯଥାର୍ଥ ସାହାବାମାନେ ଅଟନ୍ତି ଏବଂ ସେମାନଙ୍କ ମଧ୍ୟରେ ପ୍ରଭୁଙ୍କ ପ୍ରତିଶୃତି ଅନୁଯାୟୀ ଖିଲାଫତ୍ ସ୍ଥାପିତ ହୋଇଗଲ । ବାସ୍ତବ ଏହକିଯେ, ସାହାବାମାନଙ୍କ ମାଧ୍ୟମରେ ସମଗ୍ର ଉମ୍ମତେ ମୁହମ୍ମଦିୟାକୁ **ମିନ୍‌କୁମ୍** ବୋଲି ସମ୍ବୋଧିତ କରାଯାଇଛି । ଅତଃ ଉମ୍ମତେ ମୁହମ୍ମଦିୟାରେ ଅଲ୍ଲାଃତାଲାଙ୍କର ସାର୍ବକାଳୀକ ଖିଲାଫତ୍‌ର ପ୍ରତିଶୃତି ପ୍ରଦତ୍ତ ରହିଛି । ଅତଃ ପ୍ରଭୁ ନିଜର ପ୍ରତିଶୃତି ଅନୁଯାୟୀ ଉମ୍ମତେ ମୁହମ୍ମଦିୟାରେ ସାର୍ବକାଳୀନ ଖିଲାଫତ୍ ବ୍ୟବସ୍ଥା ସ୍ଥାପନ କରିଦେଇଛନ୍ତି ଯାହାର ଚର୍ଚ୍ଚା ଉପରୋକ୍ତ ଆୟତରୁ ହିଁ ଅନୁମେୟ । **ଅଲହମ୍ଦୁଲିଲ୍ଲାଃହି ଅଲା ଜାଲିକ୍ ।**

مِنْكُمْ ଶବ୍ଦରୁ ଏହା ସାବ୍ୟସ୍ତ କରିବା ଯେ, ଉକ୍ତ ଆୟତ୍‌ରେ ସାହାବାମାନଙ୍କୁ ସମ୍ବୋଧିତ କରାଯାଇଛି ତେଣୁ ଏହି ଖିଲାଫତ୍ ସାହାବାମାନଙ୍କ ପର୍ଯ୍ୟନ୍ତ ହିଁ ସୀମିତ ଅଟେ । ଏହା ବିଚିତ୍ର ବୁଦ୍ଧିକୁ ସୂଚାଏ । ପବିତ୍ର କୁରଆନ୍‌ର ଯଦି ଏହିପରି ବ୍ୟାଖ୍ୟା କରାଯାଏ ତେବେ ମୁସଲମାନମାନେ ଇହୁଦୀମାନଙ୍କ ଠାରୁ ପାଦେ ଆଗେଇ ଯିବେ । ବର୍ତ୍ତମାନ ସ୍ପଷ୍ଟ ହେଉ କି مِنْكُمْ ଶବ୍ଦ ପବିତ୍ର କୁରଆନ୍‌ରେ ପ୍ରାୟ ୮୨ଟି ସ୍ଥାନରେ ବ୍ୟବହୃତ ହୋଇଛି । କିନ୍ତୁ କେବଳ ଦୁଇ ତିନୋଟି ସ୍ଥାନକୁ

ବାଦ୍‌ଦେଲେ ଯେଉଁଠି ବିଶେଷ କ୍ରମ ପାଳନ ତଥା ରକ୍ଷା କରାଯାଇଛି। ଅନ୍ୟ ସମସ୍ତ ସ୍ଥାନରେ مِنْكُمْ ସମ୍ବୋଧିତ କରି ସମଗ୍ର ମୁସଲମାନମାନେ ଯଥାର୍ଥ ଅଟନ୍ତି ଯେଉଁମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଜନ୍ମ ଗ୍ରହଣ କରୁଥିବେ।

**(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ ୬, ପୃ-୩୩୧)**

ଉମ୍ମତେ ମୁହମ୍ମଦିୟାରେ ସର୍ବକାଳୀନ ଖିଲାଫତ୍‌ର ଶୁଭ ସମାଚାର ପ୍ରଦାନ କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି :

ଯଦିଚ ମନୁଷ୍ୟ ସବୁଦିନ ପାଇଁ ଜୀବିତ ରହିପାରିବ ନାହିଁ, ତେଣୁ ଅଲ୍ଲାଃତାଲା ଏହି ଇଚ୍ଛା ପ୍ରକାଶ କଲେ ଯେ, ଅବତାରମାନଙ୍କର ଅସ୍ତିତ୍ୱକୁ ସମସ୍ତ ସଂସାରର ଅସ୍ତିତ୍ୱ ଠାରୁ ସର୍ବୋଚ୍ଚ ତଥା ଇର୍ଦ୍ଧ୍ୱରେ ରଖି ଛାୟା ରୂପେ ସର୍ବଦା ପାଇଁ ପ୍ରଳୟ ଦିବସ ପର୍ଯ୍ୟନ୍ତ ବଳବତ୍ତର ରଖିଲେ। ଅତଏବ ଏହି ଅଭିପ୍ରାୟକୁ ଦୃଷ୍ଟିରେ ରଖି ଈଶ୍ୱର ଖିଲାଫତ୍ ଭଳି ପଦବୀ ସଂକ୍ରାନ୍ତରେ ପ୍ରସ୍ତାବ ଦେଲେ । କାରଣ ସଂସାର କେବେ ବି ଓ କୌଣସି ଯୁଗରେ ମଧ ଅବତାରତ୍ୱର କଲ୍ୟାଣରୁ ବଞ୍ଚିତ ନ ରହୁ । ସୁତରାଂ ଯେଉଁ ବ୍ୟକ୍ତି ଖିଲାଫତ୍‌କୁ କେବଳ ୩୦ ବର୍ଷ ପର୍ଯ୍ୟନ୍ତ ସୀମିତ ବୋଲି ମନେକରେ ତେବେ ସେହି ବ୍ୟକ୍ତି ନିଜର ଅବୋଧତା ତଥା ମୂର୍ଖତା ଦ୍ୱାରା ଖିଲାଫତ୍‌ର ଅଭିପ୍ରାୟକୁ ଏଡ଼ାଉଛି । ସେ ଏକଥା ଜାଣୁ ନାହିଁ ଯେ, ଅଲ୍ଲାଃତାଲାଙ୍କର ଏହି ଅଭିଳାଷା କଦାପି ନଥିଲା ଯେ, ରସୁଲ୍ କରୀମ୍ ସ.ଅଙ୍କ ବିୟୋଗ ପରେ କେବଳ ୩୦ ବର୍ଷ ପର୍ଯ୍ୟନ୍ତ ଅବତାରତ୍ୱର କଲ୍ୟାଣକୁ ଖଲିଫାମାନଙ୍କର ପୋଷାକରେ ବଳବତ୍ତର ରଖିବା ଆବଶ୍ୟକ ଅଟେ । ପୁନଶ୍ଚ ଏହାପରେ ସଂସାର ଭାସିଯାଉ ଓ ଲୋପ ପାଇଯାଉ ପଛେ ସେଥି ନିମନ୍ତେ କୌଣସି ଭୃକ୍ଷେପ ଓ ଚିନ୍ତା କରିବାର ନାହିଁ ।

**(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ-୬, ପୃ-୩୫୩)**

ଯେପରିକିଉପରେଚର୍ଚ୍ଚାହୋଇଯାଇଛିଯେ,ଜମାଅତ୍‌ଅହେମଦିୟାରେ ୧୧୫ ବର୍ଷ ଧରି ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ । ସୁତରାଂ ଏହା ହିଁ ହେଉଛି ସେହି ଖିଲାଫତ୍ ଓ ଏହା ହିଁ ହେଉଛି ସେହି ଜମାଅତ୍ ଯାହା ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ଆଁହଜରତ ସ.ଅ ତାଗିଦ୍ କରିଛନ୍ତି ଏବଂ ତହିଁରୁ ବିହିର୍ଭୂତ ହୋଇ ରହିବା ମୂର୍ଖ ତଥା ନିରକ୍ଷରତା ଜନିତ ମୃତ୍ୟୁବରଣ କରିବା ସହ ସଦୃଶ ଅଟେ । ମୁସଲମାନମାନଙ୍କ ପାଇଁ ସେହି ହଦିସ୍ ଏକ ଚିନ୍ତାଜନକ ବିଷୟ ଅଟେ ଏବଂ ଯେଉଁ ହଦିସ୍‌ରେ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଗୋଟିଏ ଜମାଅତ୍ ସହିତ ସଂଶ୍ଳୀଷ୍ଟ ହୋଇ ଜୀବନ ଅତିବାହିତ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଭୂପୃଷ୍ଠରେ ଆଜି କେବଳ ଗୋଟିଏ ଜମାଅତ୍ ରହିଛି ଯିଏ ଜମାଅତ୍‌ର ଆଖ୍ୟା ଲାଭ କରିବାର ପଦବାଚ୍ୟ ଅଟେ । ସେହି ଜମାଅତ୍ ହେଉଛି ଜମାଅତ୍ ଅହେମଦିୟା । ଅତଃ ମସୁଲମାନମାନଙ୍କୁ ଉକ୍ତ ଜମାଅତ୍ ସହିତ ସଂଶ୍ଳୀଷ୍ଟ ହୋଇଯିବା ଉଚିତ ଏବଂ ମେଣ୍ଢା ପରି ଜୀବନ ଅତିବାହିତ କରିବାର କୌଣସି ଆବଶ୍ୟକତା ନାହିଁ । ଅର୍ଥାତ ଏକ ମେଣ୍ଢା ଯେକି ମେଣ୍ଢାପଲ ଠାରୁ ଅଲଗା ହୋଇଯାଇଛି ଏବଂ ପୃଥକ ଜୀବନ ଯାପନ କରୁଛି । ଉକ୍ତ ମେଣ୍ଢାର କେହି ତତ୍ତ୍ୱାବଧାରକ ନାହାନ୍ତି ଏବଂ ଯିଏ ସବୁବେଳେ ବିପଦରେ ଥିବ, ସେହି ବ୍ୟକ୍ତିକୁ ଆକ୍ଷେପ କରି ଏକଥା କୁହାଯାଇଛି । ସୁତରାଂ ଏହିପରି କେତେକ ହଦିସ୍‌ର ଚର୍ଚ୍ଚା ନିମ୍ନରେ ପ୍ରଦାନ କରାଗଲା ଯହିଁରେ ଆଁହଜରତ ସ.ଅଙ୍କ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ଏହାକୁ ମୂଳ ଅଭିପ୍ରାୟ ବୋଲି ବିବେଚିତ କରାଯାଇଛି ।

عَنِ ابْنِ عُمَرَ رَضِىَ اللهُ عَنْهُمَا قَالَ : سَمِعْتُ رَسُوْلَ اللهِ صَلَّى اللهُ عَلَيْهِ وَسَلَّمَ يَقُوْلُ : مَنْ خَلَعَ يَدًا مِنْ طَاعَةٍ لَقِيَ اللهَ يَوْمَ الْقِيَامَةِ وَلَا حُجَّةَ لَهُ ، وَمَنْ مَاتَ وَلَيْسَ فِيْ عُنُقِهٖ بَيْعَةٌ مَاتَ مِيْتَةً جَاهِلِيَّةً ، وَفِيْ رِوَايَةٍ : مَنْ مَاتَ وَهُوَ مُفَارِقٌ لِلْجَمَاعَةِ فَاِنَّهٗ يَمُوْتُ مِيْتَةً جَاهِلِيَّةً۔

**(ପ୍ରାମାଣ୍ୟ: ହଦିକତୁସ୍ ସାଲିହିନ୍, ଲେଖକ-ସ୍ୱର୍ଗତ ସମ୍ମାନନୀୟ ମଲକ୍ ସୈଫୁର ରହେମାନ୍ ସାହେବ, ହଦିସ୍ ନଂ-୬୩୧)**

ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଜ୍ଞା ଠାରୁ ନିଜର ହସ୍ତକୁ ଟାଣିନେଲା ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ପ୍ରଳୟ ଦିବସରେ ଏଭଳି ଅବସ୍ଥାରେ ସାକ୍ଷାତ୍ କରିବ ଯେ, ତା' ପାଖରେ ନା କୌଣସି ପ୍ରମାଣ ଥିବ ଓ ନା ହିଁ ତା' ନିକଟରେ କୌଣସି ବାହାନା ଥିବ। ସେହିପରି ଯେଉଁ ବ୍ୟକ୍ତି ଏଭଳି ଅବସ୍ଥାରେ ମୃତ୍ୟୁବରଣ କରେ ଯେ, ସେ ଯୁଗର ଧର୍ମାଧିକ୍ଷଙ୍କ ହସ୍ତରେ ବୈଅତ୍ କରି ନଥିଲା, ତେବେ ସେହି ବ୍ୟକ୍ତି ଅଶିକ୍ଷିତତା ଓ ମାର୍ଗଭ୍ରଷ୍ଟ ହୋଇ ମୃତ୍ୟୁବରଣ କଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଯେଉଁ ବ୍ୟକ୍ତି ଏହିଭଳି ଅବସ୍ଥାରେ ମୃତ୍ୟୁବରଣ କଲା ଯେ, ସେ ଜମାଅତ୍ ଠାରୁ ଭିନ୍ନ ହୋଇ ରହିଲା, ଯୁଗର ଧର୍ମାଧିକ୍ଷଙ୍କ ହସ୍ତରେ ବୈଅତ୍ କରିଲା ନାହିଁ ଓ ଜମାଅତ୍ ଠାରୁ ପୃଥକ୍ ରହିଲା ତେବେ ସେହି ବ୍ୟକ୍ତି ଅବଜ୍ଞାମୂଳକ ଓ ନିରକ୍ଷରତାମୂଳକ ମୃତ୍ୟୁବରଣ କଲା ।

عَنِ ابْنِ عَبَّاسٍ رضی اللہ عنہ عَنِ النَّبِيِّ صَلَّى اللهُ عَلَيْهِ وَسَلَّمَ قَالَ : مَنْ رَاٰى مِنْ اَمِيْرِهٖ شَيْـئًا يَكْرَهُهٗ فَلْيَصْبِرْ عَلَيْهِ فَاِنَّهٗ مَنْ فَارَقَ الْجَمَاعَةَ شِبْرًا فَيَمُوْتُ مِيْتَةً جَاهِلِيَّةً۔

**(ବୁଖାରୀ କିତାବୁଲ୍ ଫିତନ୍ ବାବୁ କୌଲନ୍ ନବୀ ସ.ଅ ସତରୌନା ବାଆଦି ଉମୁରନ୍ ,ପ୍ରାମାଣ୍ୟ, ହଦିକତୁସ୍ସା ଲିହିନ୍, ହଦିସ୍ ନଂ-632)**

ଅର୍ଥାତ ହ. ଇବ୍‌ନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତି ନିଜର ଅଧିପତି ଓ ଅମୀରଙ୍କ ମଧ୍ୟରେ ଏଭଳି କୌଣସି ମନ୍ଦ କଥା ଦେଖେ ଯାହାକୁ ସେ ନାସପନ୍ଦ କରେ, ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତି ଜଣକ ଧୈର୍ଯ୍ୟ ପ୍ରଦର୍ଶନ କରୁ । କାରଣ ଯେଉଁ ବ୍ୟକ୍ତି ଚାଖେଣ୍ଡେ ଜମାଅତ୍ ଠାରୁ ଦୂରେଇ ଯାଏ ତେବେ ଉକ୍ତ ବ୍ୟକ୍ତି ଜଣକ ନିରକ୍ଷରତାମୂଳକ ମୃତ୍ୟୁ ବରଣ କଲା ।

عَنِ الْحَرْثِ الْاَشْعَرِيِّ رَضِىَ اللهُ عَنْهُ اَنَّ النَّبِيَّ صَلَّى اللهُ عَلَيْهِ وَسَلَّمَ قَالَ اِنَّ اللهَ عَزَّوَجَلَّ اَمَرَ يَحْيَى بْنَ زَكَرِيَّا عَلَيْهِمَا السَّلَامَ بِخَمْسِ كَلِمَاتٍ ......... وَاَنَا آمُرُكُمْ بِخَمْسٍ اَللهُ اَمَرَنِىْ بِهِنَّ ، بِالْجَمَاعَةِ وَالسَّمْعِ وَالطَّاعَةِ وَالْهِجْرَةِ وَالْجِهَادِ فِيْ سَبِيْلِ اللهِ فَاِنَّهٗ مَنْ خَرَجَ مِنَ الْجَمَاعَةِ قَيْدَ شِبْرٍ فَقَدْ خَلَعَ رِبْقَةَ الْاِسْلَامِ مِنْ عُنُقِهٖ اِلَّا اَنْ يَّرْجِعَ وَمَا دَعَا بِدَعْوَى الْجَاهِلِيَّةِ فَهُوَ مِنْ جِثَاءِ جَهَنَّمَ قَالُوْا يَا رَسُوْلَ اللهِ وَاِنْ صَامَ وَاِنْ صَلّٰى قَالَ وَاِنْ صَامَ وَاِنْ صَلّٰى وَزَعَمَ اَنَّهٗ مُسْلِمٌ فَادْعُوا الْمُسْلِمِيْنَ بِاَسْمَائِهِمْ بِمَا سَمَّاهُمُ اللهُ عَزَّوَجَلَّ اَلْمُسْلِمِيْنَ الْمُؤْمِنِيْنَ عِبَادَ اللهِ عَزَّوَجَلَّ۔

**(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍ ଭାଗ ୫, ପ-୧୩୦, ପୃ-୨୦୨-୩୪୪, ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ହଦିସ୍ ନଂ-୧୫୮)**

ହ.ହରସ୍‌ଅଶ୍‌ଅରୀର.ଅବର୍ଣ୍ଣନାକରନ୍ତିଯେ,ଆଁହଜରତସ.ଅକହିଲେ, ଅଲ୍ଲାଃତାଲା ହ.ୟହ୍‌ଦା ବିନ୍....

ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ

# (ଖୁତ୍‌ବା ଜୁମା)

## ଲୋକମାନଙ୍କର ମଧ୍ୟରେ ହ. ଅବୁ ବକ୍କର ର.ଅ ହେଉଛନ୍ତି ସର୍ବୋତ୍କୃଷ୍ଟ ଓ ସର୍ବୋତ୍ତମ ବ୍ୟକ୍ତି । ତାଙ୍କ ବ୍ୟତୀତ ଯଦି ଆଉ କେହି ନବୀ ହୁଅନ୍ତେ ତେବେ ସେ ଉତ୍କୃଷ୍ଟ ହେବେ ।

## ସତ୍ୟବାଦୀ ହ. ଅବୁ ବକ୍କର ର.ଅଙ୍କୁ ଏହି ସୌଭାଗ୍ୟଶାଳୀ ଓ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇଛି ଯେ, ମକ୍କୀୟ ଜୀବନ ଯାପନ କାଳରେ ହ. ଅବୁ ବକ୍କର ର.ଅଙ୍କ ଘରେ ଆଁହଜରତ ସ.ଅ ପ୍ରତ୍ୟେକ ଦିନ ଥରେ ଦୁଇ ଥର ଆସୁଥିଲେ ।

## ଲୋକମାନଙ୍କ ମଧ୍ୟରେ କାହାଫାଙ୍କ ସୁପୁତ୍ର ଅବୁ ବକରଙ୍କ ବ୍ୟତୀତ ଏଭଳି କୌଣସି ବ୍ୟକ୍ତ ନାହିଁ ଯିଏ ନିଜର ଧନ, ମନ ଓ ଜୀବନଦ୍ୱାରା ମୋତେ ସାହାଯ୍ୟ କରିଥିବ ଏବଂ ମୋ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିଥିବ।

## ମୁଁ ଯଦି କୌଣସି ବ୍ୟକ୍ତିକୁ ନିଜର ବନ୍ଧୁ କରନ୍ତି ତେବେ ଅବୁ ବକରଙ୍କୁ ଅବଶ୍ୟ ନିଜର ବନ୍ଧୁ କରିଥାଆନ୍ତି । ନବୀ ସ.ଅ କହିଲେ, ମୁଁ ଅବୁ ବକରଙ୍କ ପରି ଓ ସେ ମୋ ପରି । ଅବୁ ବକର ଇହକାଳ ଓ ପରକାଳରେ ମୋର ଭାଇ ଅଟନ୍ତି ।

## ନବୀ କରୀମ୍ ସ.ଅ ହ. ଅବୁ ବକର ଓ ହ. ଉମର ର.ଅଙ୍କୁ ଦେଖିଲେ ଏବଂ କହିଲେ, ଏମାନେ ଦୁହେଁ ମୋର ଆଖି ଓ କାନ ଅଟନ୍ତି । ଅର୍ଥାତ ମୋର ନିକଟତମ ନିବିଡ଼ ବନ୍ଧୁମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ।

## ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦା ସମ୍ପନ୍ନ ମାର୍ଗଦର୍ଶୀ ସତ୍ୟବାଦୀ ଖଲିଫା ହ. ଅବୁ ବକର ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀ ପ୍ରକାଶରେ, ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା ।

ହୁଜୁର ଅନ୍‌ୱର୍ ଅ.ବ ଚାରିଜଣ ମୃତକଙ୍କ ଚର୍ଚ୍ଚା କଲେ ସେମାନେ ହେଲେ- (ଇଣ୍ଡୋନେସିଆର ଅମୀର୍ ଜମାଅତ୍) ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁଲ୍ ବାସିତ୍ ସାହେବ, ତାନ୍‌ଜାନିୟାର ସମ୍ମାନନୀୟ ୟୁସୁଫ ଉସ୍‌ମାନ୍ କାମ୍ବାଲିୟା ସାହେବଙ୍କ ପତ୍ନୀ ସମ୍ମାନନୀୟା ସ୍ୱର୍ଗତା ଜ଼ୈନବ୍ ରମ୍‌ଜାନ୍ ସାହେବା, କାଦିୟାନ୍‌ର ଦର୍‌ୱେଶ୍ ସମ୍ମାନନୀୟ ଶେଖ୍ ଅବ୍‌ଦୁଲ କାଦିର୍ ସାହେବଙ୍କ ପତ୍ନୀ ସମ୍ମାନନୀୟା ସ୍ୱର୍ଗତା ହଲିମା ବେଗମ୍ ସାହେବା ଓ କ୍ୟାରୀବାସ୍‌ର ସମ୍ମାନନୀୟା ସ୍ୱର୍ଗତା ମେଲେ ଅନୀସା ଅପ୍‌ସିଆଇ ସାହେବା । ହୁଜର ଅନୱର୍ ଉପରୋକ୍ତ ମୃତକ ମୃତକାମାନଙ୍କ ସୁଗୁଣାବଳୀର ଚର୍ଚ୍ଚା କଲେ ଏବଂ ଜୁମା ନମାଜ ପରେ ଏମାନଙ୍କର ନମାଜ ଯନାଜାଃ ଗାଏବ୍ ପଢେଇଲେ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା ୨୮ ଅକ୍ଟୋବର ୨୦୨୨ ମସିହା ଅନୁଯାୟୀ ୨୮ ଇଖା/୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ
رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ
وَلَا الضَّآلِّيْنَ۔

ବଦ୍‌ରୀ ସହାବାମାନଙ୍କ ଆଲୋଚନା ପ୍ରସଙ୍ଗରେ ହ. ଅବୁ ବକର ର.ଅଙ୍କର ଚର୍ଚ୍ଚା ଚାଲିଥିଲା ଏବଂ ଆପଣ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା ଚାଲିଥିଲା। ଆଁହଜରତ ସ.ଅଙ୍କ ଦୃଷ୍ଟିରେ ହ. ଅବୁ ବକର ର.ଅଙ୍କର କ'ଣ ମର୍ଯ୍ୟାଦା ରହିଥିଲା କିମ୍ବା ଆଁହଜରତ ସ.ଅ ହ. ଅବୁ ବକର ର.ଅଙ୍କ ମର୍ଯ୍ୟାଦା ସଂକ୍ରାନ୍ତରେ କ'ଣ ଭାବୁଥିଲେ ? ତତ୍‌ସମ୍ବନ୍ଧୀୟ କେତେକ ବର୍ଣ୍ଣନାର ଉଲ୍ଲେଖ ।

ହ. ଅବୁ ବକର ର.ଅଙ୍କୁ ଏହି ଶ୍ରେଷ୍ଠତ୍ୱ ଏବଂ ସୌଭାଗ୍ୟ ପ୍ରାପ୍ତ ହୋଇଛି ଯେ, ହୁଜୁର ସ.ଅ ମକ୍କାରେ ଅବସ୍ଥାନ କାଳରେ ନିତିଦିନ ଥରେ ଦୁଇଥର ହ. ଅବୁ ବକର ର.ଅଙ୍କୁ ସାକ୍ଷାତ୍ କରିବାକୁ ତାଙ୍କ ଘରକୁ ଆସୁଥିଲେ । (**ସହୀ ବୁଖାରୀ, କିତାବ ମନାକିବୁଲ୍ ଅନସାର୍, ବାବୁ ହିଜରତୁନ୍ ନବୀ ସ.ଅ ଓ ଅସହାବିହି ଇଲଲ୍ ମଦିନତି, ବର୍ଣ୍ଣନା ସଂଖ୍ୟା-୩୯୦୫**)

ହ. ଉମ୍ରୋ ବିନ୍ ଆସ୍ ର.ଅ ବର୍ଣ୍ଣନା କଲେ ଯେ, ନବୀ ସ.ଅ ଉମ୍ରୋ ବିନ୍ ଆସ୍ ର.ଅଙ୍କୁ ଜାତୁସ୍ ସଲାସିଲ୍ ସୈନ୍ୟଦଳର ସେନାପତି ଭାବରେ ମୁତୟନ କରି ପ୍ରେରଣ କରିଥିଲେ ଏବଂ ସେ କହନ୍ତି ଯେ, ମୁଁ ଆପଣ ସ.ଅଙ୍କ ନିକଟକୁ ଆସିଲି ଏବଂ ଆଁହଜରତ ସ.ଅଙ୍କୁ ପଚାରିଲି ଯେ ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଲୋକମାନଙ୍କ ମଧ୍ୟରେ ଆପଣଙ୍କୁ ସର୍ବାଧିକ କିଏ ପ୍ରିୟ ଲାଗନ୍ତି ? ଆପଣ ସ.ଅ କହିଲେ ହ. ଆଏଶା ର.ଅ । ମୁଁ ପୁନଶ୍ଚ କହିଲି; ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଲୋକଙ୍କ ମଧ୍ୟରେ ଆଉ କିଏ ଆପଣଙ୍କୁ ସର୍ବାଧିକ ପ୍ରିୟ ଲାଗନ୍ତି ? ଆପଣ ସ.ଅ

କହିଲେ ତାଙ୍କର ପିତାଶ୍ରୀ ଅର୍ଥାତ ହ. ଅବୁ ବକର । ମୁଁ ପୁନଶ୍ଚ ପଚାରିଲି ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଏହାପରେ କିଏ ? ଆପଣ ସ.ଅ କହିଲେ ଉମର୍ ବିନ୍ ଖତ୍ତାବ୍ । ଏହିପରି ଭାବରେ ଆପଣ ସ.ଅ ଆଉ କେତେକ ସାହାବାମାନଙ୍କ ନାଁ ନେଲେ । (**ସହୀ ବୁଖାରୀ, କିତାବୁ ଫଜାଏଲେ ଅସହାବୁନ୍ ନବୀ ସ.ଅ, ବାବୁ କୌଲନ୍ ନବୀ ସ.ଅ ଲୌ କୁନ୍ତୁ ମୁତ୍ତଖିଜନ୍ ଖଲିଲନ୍, ହଦିସ୍ ୩୬୬୨**)

ହ. ଅଲୀ ସଲ୍‌ମା ବିନ୍ ଅକ୍‌ୱା ବର୍ଣ୍ଣନା କରନ୍ତି; ଆଁହଜରତ ସ.ଅ କହିଲେ; ଜଣେ ଅବତାରଦ୍ୱ (ଉପାଧିକୁ) ବାଦ୍ ଦେଲେ ଅବୁ ବକର ସମସ୍ତ ଲୋକମାନଙ୍କ ଠାରୁ ଶ୍ରେଷ୍ଠ ଓ ସର୍ବୋତ୍ତମ ଅଟନ୍ତି । (**କନଜୁଲ୍ ଉମ୍ମାଲ୍ ଗ୍ରନ୍ଥଖଣ୍ଡ-୬, ଭାଗ-୧୧, ପୃ-୨୪୮, ଫଜାଏଲ୍ ଅବୁ ବକର ସିଦ୍ଦିକ୍ ର.ଅ, ବର୍ଣ୍ଣନା ସଂଖ୍ୟା-୩୨୫୪୮, ଦାରୁଲ୍ କିତାବୁଲ୍ ଇସମିୟାହ୍ ବୈରୁତ୍-୨୦୦୪ ମସିହା**)

ହ. ଅନସ୍ ବିନ୍ ମାଲିକ୍ ବର୍ଣ୍ଣନା କଲେ ଯେ, ଆଁହଜରତ ସ.ଅ କହିଲେ; ମୋର ସମ୍ପ୍ରଦାୟ ଉପରେ ସର୍ବାଧିକ ଦୟାବାନ ଓ ଅନୁଗ୍ରହକାରୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର ର.ଅ । (**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ମନାକିବି ମୁଆଜ୍ ବିନ୍ ଜବଲ୍...... ରିୱାୟତ୍ (ବର୍ଣ୍ଣନା ସଂଖ୍ୟା) ନମ୍ବର- ୩୭୯୦**)

ହ. ଅବୁ ସଇଦ୍ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ; ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରାପ୍ତକାରୀ ବ୍ୟକ୍ତିମାନେ ଏଭଳି ଉଚ୍ଚ ସ୍ତରରେ ଅଧିଷ୍ଠିତ ଥିବେ ଯେ, ଯେଉଁମାନେ ତାଙ୍କ ନିମ୍ନ ସ୍ତରରେ ଥିବେ ସେମାନେ ଏହି ଉଚ୍ଚାସୀନ ବ୍ୟକ୍ତିମାନଙ୍କୁ ଏଭଳି ଚକ୍ଷୁରେ ଦେଖିବେ ଯେଭଳି ତୁମେମାନେ ଏକ ଆକାଶରେ ବା ଦିଗ୍‌ବଳୟରେ ଉଦୀୟମାନ ହେଉଥିବା ତାରକାପୁଞ୍ଜକୁ ଦେଖିଥାଅ । ସେହି ଉଚ୍ଚ ସ୍ତରରେ ଥିବା ବ୍ୟକ୍ତିମାନଙ୍କୁ ହିଁ ନିମ୍ନ ସ୍ତରରେ ରହିଥିବା ବ୍ୟକ୍ତିମାନେ ଅଭିଳଷିତ ଚକ୍ଷୁରେ ଚାହିଁବେ । ହ. ଅବୁ ବକର ର.ଅ ଓ ହ. ଉମର୍ ର.ଅ ସେହି ଉଚ୍ଚାସୀନ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଅର୍ଥାତ ସେମାନଙ୍କ ସ୍ଥାନ ଅତି ଉର୍ଦ୍ଧ୍ୱରେ, ସେମାନଙ୍କୁ ଲୋକମାନେ ଏପରି ଦେଖିବେ ଯେପରି ଉର୍ଦ୍ଧ୍ୱଗାମୀ ତାରକାକୁ ଦେଖାଯାଏ । ହୁଜୁର ସ.ଅ କହିଲେ; ସେ ଦୁହେଁ କିଭଳି ଉତ୍ତମ ପୁରୁଷ ଅଟନ୍ତି ?

(**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲୁ ମନାକିବି ଅବି ବକରୁସ୍ ସିଦ୍ଦିକି ର.ଅ.... ରିୱାୟତ୍ ନଂ-୩୬୫୮**)

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ; କୌଣସି ବ୍ୟକ୍ତିର ଅନୁକମ୍ପା ଆମ ଉପରେ ବାକି ନାହିଁ । କିନ୍ତୁ ହ. ଅବୁ ବକରଙ୍କ ବ୍ୟତୀରେକ ମୁଁ ସମସ୍ତ ବ୍ୟକ୍ତିମାନଙ୍କ ଉପକାରର ଋଣ ସୁଝି ଦେଇଛି । ହ. ଅବୁ ବକର ର.ଅ ମୋ ଉପରେ ଯେଉଁ ମହୋପାକାର କରିଛନ୍ତି ଅଲ୍ଲାଃତାଲା ତାହାର ପ୍ରତିଫଳ ପ୍ରଳୟ ଦିବସ ଦିନ ତାଙ୍କୁ ଅବଶ୍ୟ ପ୍ରଦାନ କରିବେ । (**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ରିୱାୟତ୍ ନଂ-୩୬୬୧**)

ପ୍ରିୟ ନବୀ ସ.ଅ ନିଜର ଶେଷ ରୋଗାଗ୍ରସ୍ତ ଅବସ୍ଥାରେ କହିଲେ; ଲୋକମାନଙ୍କ ମଧ୍ୟରେ ହ. ଅବୁ ବକର ବିନ୍ ଅବୁ କାହାଫାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ନାହିଁ ଯିଏ ନିଜର ଧନ, ମନ ଓ ପ୍ରାଣ ଦ୍ୱାରା ସାହାଯ୍ୟ କରିଥିବ ଏବଂ ମୋ ପ୍ରତି ସଦ୍‌ବ୍ୟବାହାର ପ୍ରଦର୍ଶନ କରିଥିବ । ମୁଁ ଯଦିଁ କୌଣସି ବ୍ୟକ୍ତିକୁ ନିଜର ବନ୍ଧୁ କରିଥାଆନ୍ତି ତେବେ ଅବୁ ବକରଙ୍କୁ ହିଁ ଅବଶ୍ୟ ନିଜର ବନ୍ଧୁ କରିଥାଆନ୍ତି। କିନ୍ତୁ ଇସ୍‌ଲାମ୍‌ଧର୍ମକୁ ନିଜର ଶ୍ରେଷ୍ଠ ବନ୍ଧୁ କରିବାକୁ ନିର୍ଦ୍ଦେଶ ରହିଛି। ଆଁହଜରତ ସ.ଅ କହିଲେ; ଅବୁ ବକରଙ୍କ ଝରକା ବ୍ୟତୀତ ଏହି ମସ୍‌ଜିଦ୍ ଆଡ଼କୁ ଖୋଲୁଥିବା ଅନ୍ୟ ସମସ୍ତ ଝରକାଗୁଡ଼ିକୁ ବନ୍ଦ କରିଦିଆଯାଉ । (**ସହୀହୁଲ୍ ବୁଖାରୀ, କିତାବୁସ୍ ସଲାତ୍, ବାବୁଲ୍ ଖୌଫତା ୱଲ୍ ମୁମରିର୍ ଫିଲ୍ ମସଜିଦି. ରିୱାୟତ୍ ନଂ-୪୬୭**)

ନବୀ ସ.ଅ କହିଲେ ମୁଁ ଅବୁ ବକର ର.ଅଙ୍କ ପରି ଓ ସେ ମୋ ପରି ଅର୍ଥାତ ଆମ ଦୁହିଁଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ ।ହ. ଅବୁ ବକର ର.ଅ ଇହକାଳ ଓ ପରକାଳରେ ମୋର ଭାଇ ଅଟନ୍ତି । (**କନ୍‌ଜୁଲ୍ ଉମ୍ମାଲ୍ ଗ୍ରନ୍ଥଖଣ୍ଡ-୬, ଭାଗ-୧୧, ପୃ-୨୪୮, ଫଜଲୁ ଅବୁ ବକର ସିଦ୍ଦିକ୍ ର.ଅ, ବର୍ଣ୍ଣନା ସଂଖ୍ୟା-୩୨୫୪୭, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-୨୦୦୪ ମସିହା**)

ସୁନନ୍ ତିର୍ମିଜିର ଏକ ବର୍ଣ୍ଣନା ରହିଛି ଯହିଁରେ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ ହ. ଅବୁ ବକର ଓ ହ. ଉମରଙ୍କ ସଂପର୍କରେ କହିଲେ; ଏହି ଦୁଇ ଜଣ ବ୍ୟକ୍ତି ବୈକୁଣ୍ଠ ପୁରର ଅଧିପତି ଅଟନ୍ତି ଏବଂ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରଳୟ ଦିବସରେ ନବୀଙ୍କ (ବାର୍ତ୍ତାବହ) ବ୍ୟତୀତ ବୈକୁଣ୍ଠ ପୁରରେ ପୂର୍ବାପର ବୟୋଜ୍ୟେଷ୍ଠ ତଥା ବରିଷ୍ଠ ବ୍ୟକ୍ତିଙ୍କ ସାଥିରେ ସାମିଲ ରହିବେ । ତେଣୁ ହେ ଅଲୀ ! ତୁମେ ସେହି ଦୁହିଁଙ୍କୁ ତତସଂପର୍କରେ ଆଦୌ କିଛି କହିବ ନାହିଁ । (**ସୁନନୁତ୍ ତିର୍ମିଜି, ଅବୱାବୁଲ୍ ମନାକିବି, ବାବୁ ମନାକିବି ଅବି ବକରିନ୍, ରିୱାୟତ୍ ନଂ-୩୬୬୪**)

ବର୍ଣ୍ଣନାକାରୀ କୁହନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କଲେ ସେତେବେଳେ ହ. ଅଲୀ ର.ଅଙ୍କୁ ଉପରୋକ୍ତ କଥା କହିବାରୁ ରୋକି ଦେଲେ ।

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ପ୍ରବାସକାରୀ ଏବଂ ଅନସାର୍‌ମାନଙ୍କ ମଧ୍ୟରେ ନିଜ ସାହାବାମାନଙ୍କ ସାଥିରେ ପଦାକୁ ଆସୁଥିଲେ ଏବଂ ସେମାନଙ୍କ ମଧ୍ୟରେ ହ. ଅବୁ ବକର ଏବଂ ହ. ଉମର୍ ର.ଅଙ୍କୁ ମଧ୍ୟ ଦେଖିବାକୁ ମିଳୁଥିଲା । ତେବେ ସେହି ପ୍ରବାସକାରୀଙ୍କ ମଧ୍ୟରୁ ହ. ଅବୁ ବକର ହ. ଉମରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ଆଁହଜରତ ସ.ଅଙ୍କ ଆଡ଼କୁ ମୁଣ୍ଡ ଉଠାଇ ଚାହୁଁ ନଥିଲେ । ଏହି ଦୁଇ ସାହାବାମାନେ ଆଁହଜରତ ସ.ଅଙ୍କ ଆଡ଼କୁ ଚାହିଁ ସ୍ମିତହାସ୍ୟ ପ୍ରକାଶ କରୁଥିଲେ ଏବଂ ଆପଣ ସ.ଅ ତାଙ୍କ ଆଡ଼କୁ ଚାହିଁ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । (**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ରିୱାୟତ୍ ନଂ-୩୬୬୦**)

ହ. ଇବ୍‌ନେ ଉମର୍ ବର୍ଣ୍ଣନା କରନ୍ତି ହୁଜୁର ସ.ଅ ହ. ଅବୁ ବକର ର.ଅଙ୍କୁ କହିଲେ ତୁମେ ଜଳାଶୟରେ ମୋର ସାଥି ଥିଲ ଏବଂ ଗାରେ ସୋର୍ (ସୋର୍ ଗୁମ୍ଫା)ରେ ମଧ୍ୟ ମୋର ସାଥି ଥିଲ । (**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ମନାକିବି ଅବି ବକରିନ୍, ରିୱାୟତ୍ ନଂ-୩୬୭୦**)

ହ. ଜାବିର୍ ବିନ୍ ମୁତ୍‌ଅମ୍ ର.ଅ ବର୍ଣ୍ଣନା କଲେ ଯେ, ଜଣେ ମହିଳା ଆଁହଜରତ ସ.ଅଙ୍କ ନିକଟକୁ ଆସିଲା, ଆପଣ ସ.ଅଙ୍କ ନିକଟରେ କୌଣସି ପ୍ରସଙ୍ଗ ସଂକ୍ରାନ୍ତରେ କଥା କହିଲେ । ଆଁହଜରତ ସ.ଅ ଉକ୍ତ ମହିଳାକୁ ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ କେତେକ ନିର୍ଦ୍ଦେଶାବଳୀ ଦେଲେ । ଉକ୍ତ ମହିଳା ଜଣକ କହିଲା କି ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୁଁ ଯଦି ଆପଣ ସ.ଅଙ୍କୁ ନପାଏ ତେବେ ଏପ୍ରସଙ୍ଗରେ ଆପଣ ସ.ଅଙ୍କର କ'ଣ ମତାମତ ରହିଛି ? ଅର୍ଥାତ ଆପଣ ସ.ଅଙ୍କ ବିୟୋଗ ପରେ ମୋତେ ଯଦି କୌଣସି ପ୍ରସଙ୍ଗର ଆବଶ୍ୟକତା ପଡ଼େ ବା ମୁଁ କୌଣସି ସମସ୍ୟାର ସମ୍ମୁଖୀନ ହୁଏ ତେବେ ସେ ସ୍ଥଳେ ମୁଁ କ'ଣ କରିବି ? ଆଁହଜରତ ସ.ଅ ଉତ୍ତର ଦେଲେ ଯେ, ସେ ସ୍ଥଳେ ତୁମେ ହ. ଅବୁ ବକର ର.ଅଙ୍କ ନିକଟକୁ ଆସିବ ।ସେ ତୁମର ଆବଶ୍ୟକତାକୁ ପୂରଣ କରିବେ। (**ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ରିୱାୟତ୍ ନଂ-୩୬୭୬**)

ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରସୁଲୁଲ୍ଲାଃ ସ.ଅ ଘରୁ ବାହାରକୁ ଆସିଲେ ଏବଂ ମସ୍‌ଜିଦ୍‌ରେ ପ୍ରବେଶ କଲେ । ହ. ଅବୁ ବକରେ ର.ଅ ଆଁହଜରତ ସ.ଅଙ୍କ ଦକ୍ଷିଣ ପାର୍ଶ୍ୱରେ ଥିବାବେଳେ ହ. ଉମର୍ ର.ଅ ଆଁହଜରତ ସ.ଅଙ୍କ ବାମ ପାର୍ଶ୍ୱରେ ରହୁଥିଲେ । ଆଁହଜରତ ସ.ଅ ଦୁହିଁଙ୍କ ହସ୍ତ ଧରି କହିଲେ ଆମେମାନେ ଏହିପରି ପ୍ରଳୟ ଦିବସ ଦିନ ଉଠାଯିବୁ । (**ସୁନନୁତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ହଦିସ୍ ନଂ-୩୬୬୯**)

ହ. ଅବ୍‌ଦୁଲ୍ଲାଃ ବିନ୍ ହନ୍ତବ୍ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ଅବୁ ବକର ର.ଅ ଓ ହ. ଉମର୍ ର.ଅଙ୍କୁ ଦେଖି କହିଲେ; ମୋର ଏହି ଦୁଇ ଜଣ ବ୍ୟକ୍ତି ହେଉଛନ୍ତି ମୋର ଆଖି ଓ କାନ । ଅର୍ଥାତ ମୋର ଅତି ନିକଟତର ଘନିଷ୍ଠ ସାଥିମାନଙ୍କ ମଧ୍ୟରୁ ଅନ୍ୟତମ । (**ସୁନନୁତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ହଦିସ୍ ନଂ-୩୬୭୧**)

ହ. ଅବୁ ସଇଦ୍ ଖୁଦରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ ସ.ଅ କହିଲେ; ଆକାଶଲୋକରୁ ପ୍ରତ୍ୟେକ ନବୀଙ୍କର ଜୁଇ ଜଣ ମନ୍ତ୍ରୀ (ସାହାଯ୍ୟକାରୀ) ମୁତୟନ ହୋଇଥାନ୍ତି ଏବଂ ମର୍ତ୍ତ୍ୟବାସୀଙ୍କ ମଧ୍ୟରୁ ବି ଦୁଇଜଣ ମନ୍ତ୍ରୀ (ସାହାଯ୍ୟକାରୀ) ଥାଆନ୍ତି। ଆକାଶଲୋକରୁ ମୋର ଦୁଇଜଣ ମନ୍ତ୍ରୀ ହେଲେ ହ.ଜିବ୍ରାଇଲ୍ ଓ ମିକାଇଲ୍ ଏବଂ ମର୍ତ୍ତ୍ୟାଲୋକରେ ମୋ ଅଧୀନ ଦୁଇଜଣ ମନ୍ତ୍ରୀ ହେଲେ ଅବୁ ବକର୍ ଓ ଉମର୍। (**ସୁନନୁତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବୁ ମନାକିବି ଅବି ବକ୍‌ରିନ୍, ହଦିସ୍ ନଂ-୩୬୮୦**)

ପୁନଶ୍ଚ ଏହାପରେ ଆଁହଜରତ ସ.ଅ ଦୁହିଁଙ୍କୁ ବୈକୁଣ୍ଠଗାମୀ ହେବାର ଶୁଭସମାଚାର ମଧ୍ୟ ପ୍ରଦାନ କଲେ । ସଇଦ୍ ବିନ୍ ମୁସୈବ୍ ର.ଅ କହିଲେ, ହ. ଅବୁ ମୁସା ଅଶ୍‌ଅରୀ ର.ଅ ମୋତେ କହିଲେ ଯେ, ସେ ନିଜ ଘରେ ୱୁଜୁ କଲେ ପୁନଶ୍ଚ ପଦାକୁ ବାହାରିଲେଏବଂ କହିଲେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲି ଏବଂ ଆଜି ଦିନ ତମାମ ଆପଣ ସ.ଅଙ୍କ ସହିତ ରହିବି । ଅର୍ଥାତ ସେହି ଦିନ ସେ ନିଜର ସମୟକୁ ଆଁହଜରତ ସ.ଅଙ୍କ ସକାଶେ ଉତ୍ସର୍ଗ କରି ଦେଇଥିଲେ । ସେ କହିଲେ, ସେ ଆସିଲେ ଏବଂ ନବୀ କରୀମ୍ ସ.ଅ ସଂପର୍କରେ ପଚାରିଲେ। ଲୋକମାନେ କହିଲେ ଯେ, ଆଁହଜରତ ଏହି ଆଡ଼କୁ ବାହାରକୁ ଯାଇଛନ୍ତି । ସେ କୁହନ୍ତି, ମୁଁ ଆଁହଜରତ ସ.ଅଙ୍କ ପଛେ ପଛେ ଚାଲିଗଲି ଏବଂ ଆପଣ ସ.ଅଙ୍କ ସଂକ୍ରାନ୍ତରେ ପଚାରୁଥିଲି। ଏପର୍ଯ୍ୟନ୍ତକି ଆଁହଜରତ ସ.ଅ ବେଏରେ ଅରିସ୍ (ମସ୍‌ଜିଦ୍ ନିକଟବର୍ତ୍ତୀ ଏକ କୂପ ଥିଲା) ଠାରେ ପ୍ରବେଶ କଲେ । ମୁଁ କବାଟ ପାଖରେ ବସି ପଡ଼ିଲି । ଦେଖିଲି ଯେ, ଆଁହଜରତ ସ.ଅ ବେଏରେ ଅରିସ୍ କୂପ ଉପରେ ବସିଛନ୍ତି ଏବଂ କୂପର ତୂଳ ଭାଗ ଉପରେ ବସିଥିଲେ ଏବଂ ନିଜର ଗୋଇଠିରୁ କପଡ଼ା ଟେକିଥିଲେ । ଅର୍ଥାତ ଆପଣ ସ.ଅ ନିଜର ଦୁଇ ପାଦକୁ ଓହଳାଇ ବସିଥିଲେ । ମୁଁ ଆଁହଜରତ ସ.ଅଙ୍କୁ ନମସ୍କାର କଲି । ପୁନଶ୍ଚ ପଛକୁ ବୁଲି ଦୁଆର ସମ୍ମୁଖରେ ବସିଗଲି । ମୁଁ କହିଲି ଆଜି ମୁଁ ରସୁଲୁଲ୍ଲାଃ ସ.ଅଙ୍କର

ଦର୍‌ୱାନ୍ (ଜଗୁଆଳୀ) ହେବି । ଠିକ୍ ସେତିକିବେଳେ ହ. ଅବୁ ବକର ର.ଅ ଆସିଲେ ଏବଂ ସେ ଦୁଆରକୁ ଠେଲିବାକୁ ଚେଷ୍ଟା କେଲେ । ମୁଁ ପଚାରିଲି କିଏ ? ସେ କହିଲେ, ମୁଁ ଅବୁ ବକର। ମୁଁ କହିଲି, ଆଜ୍ଞା ଟିକେ ରୁହନ୍ତୁ। ପୁନଶ୍ଚ ମୁଁ ଆଁହଜରତ ସ.ଅଙ୍କ ନିକଟକୁ ଯାଇ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ଅବୁ ବକର ର.ଅ ଦୁଆର ବାହାରେ ଛିଡ଼ା ହୋଇଛନ୍ତି ଏବଂ ଭତିରକୁ ଆସିବା ପାଇଁ ଅନୁମତି ଚାହୁଁଛନ୍ତି । ଆଁହଜରତ ସ.ଅ କହିଲେ, ତାଙ୍କୁ ଭିତରକୁ ଆସିବାକୁ ଦିଅ ଓ ତାଙ୍କୁ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରିଦିଅ । ସୁତରାଂ ମୁଁ କବାଟ ପାଖକୁ ଆସିଲି ଏବଂ ହ. ଅବୁ ବକର ର.ଅଙ୍କୁ କହିଲି ହେ ଅବୁ ବକର ! ଆପଣ ଭିତରକୁ ଆସି ଯାଆନ୍ତୁ। କାରଣ ଆଁହଜରତ ସ.ଅ ଆପଣଙ୍କୁ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରୁଛନ୍ତି। ହ. ଅବୁ ବକର ର.ଅ ଭିତରକୁ ଆସିଲେ ଏବଂ ଆଁହଜରତ ସ.ଅଙ୍କର ଦକ୍ଷିଣ ପାର୍ଶ୍ୱରେ କୂପର ଉପରିସ୍ଥ ଭାଗରେ ଆସି ବସିଗଲେ। ଆଁହଜରତ ସ.ଅ ଯେପରି ନିଜର ପାଦ କୂପ ଉପରେ ବସି ତଳକୁ ଓହଳାଇ ବସିଥିଲେ ଏବଂ ନିଜର ଗୋଇଠି ଦ୍ୱୟରୁ କପଡ଼ା ଟେକିଥିଲେ ଠିକ୍ ସେହିପରି ସେ ମଧ୍ୟ ନିଜର ପାଦକୁ କୂପ ତଳକୁ ଓହଳାଇ ବସିଲେ ଏବଂ ଗୋଇଠିରୁ କପଡ଼ା ଟେକିଦେଲେ। ମୁଁ ପୁନଃ ଫେରି ଆସିଲି ଓ ବସିଗଲି । ମୁଁ ନିଜର ଭାଇକୁ ଛାଡ଼ି ଆସିଥିଲି କି ସେ ଆସି ମୋ ସହିତ ଭେଟ ହେଲେ । ମୁଁ ନିଜ ମନ ଭିତରେ କହିଲି ଯେ, ଅଲ୍ଲାଃତାଲା ଯଦି ଅମକ ବ୍ୟକ୍ତି ସଂପର୍କରେ କିଛି ମଙ୍ଗଳ କରିବାର ଇଚ୍ଛା ପ୍ରକାଶ କରିଥାଆନ୍ତି? କହିବାର ତାତ୍ପର୍ଯ୍ୟ ଏହିକିଯେ, ତହିଁରୁ ଯଥାର୍ଥ ତାଙ୍କର ଭାଇ ଥିଲେ । ତେବେ ସେ ଅମକକୁ ନେଇ ଆସିବେ। ସେ ଏହା ଅବଲୋକନ କଲେ ଯେ କେହି ଜଣେ କବାଟକୁ ଠକ୍ ଠକ୍ କରୁଛି । ମୁଁ କହିଲି କିଏ ? ସେ କହିଲା ଉମର୍ ବିନ୍ ଖତ୍ତାବ୍। ମୁଁ କହିଲି ଆଜ୍ଞା ଟିକେ ରୁହନ୍ତୁ । ପୁନଶ୍ଚ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲି ଏବଂ ଆପଣ ସ.ଅଙ୍କୁ ସଲାମ୍ (ନମସ୍କାର) କଲି ଏବଂ ଆଁହଜରତ ସ.ଅଙ୍କୁ କହିଲି ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଦୁଆର ସମ୍ମୁଖରେ ହ. ଉମର୍ ୱିନ୍ ଖତ୍ତାବ୍ ର.ଅ ଛିଡ଼ା ହୋଇଛନ୍ତି ଏବଂ ସେ ଭିତରକୁ ଆସିବାକୁ ଅନୁମତି ଚାହୁଁଛନ୍ତି । ଆପଣ ସ.ଅ କହିଲେ, ବସ୍ସ ! ତାଙ୍କୁ ଆସିବାକୁ ଦିଅ ଏବଂ ତାଙ୍କୁ ବୈକୁଣ୍ଠ ପୁରର ଶୁଭ ସମାଚାର ପ୍ରଦାନ କରିଦିଅ । ମୁଁ ଆସିଲି ଏବଂ ମୁଁ ତାଙ୍କୁ କହିଲି ହେ ଉମର୍ ବିନ୍ ଖତ୍ତାବ୍! ଆସନ୍ତୁ ଭିତରକୁ ଆସନ୍ତୁ । ଆଁହଜରତ ସ.ଅ ଆପଣ ର.ଅଙ୍କୁ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରିଛନ୍ତି । ସୁତରାଂ ସେ ଆସି କୂପର ଉପର ଭାଗରେ ଥିବା ଚୂଳରେ ଯାଇ ଆଁହଜରତ ସ.ଅଙ୍କ ସହିତ ବାମ ପାର୍ଶ୍ୱରେ ବସିଗଲେ ଏବଂ ନିଜର ପାଦ ଦ୍ୱୟକୁ କୂପ ସମ୍ମୁଖରେ ଓହଳାଇ ବସିଗଲେ । ମୁଁ ପୁନଶ୍ଚ ଦୁଆର ପାଖକୁ ଫେରି ଆସି ବସି ପଡ଼ିଲି । ପୁନଶ୍ଚ ମୁଁ ନିଜ ମନ ଭିତରେ ଏହି କଥା ଭାବିଲି ଯେ, ଅଲ୍ଲାଃତାଲା ଯଦି ଅମକ ବ୍ୟକ୍ତିର ମଙ୍ଗଳ ଚାହାନ୍ତି ତେବେ ସେ ଅବଶ୍ୟ ଆଁହଜରତ ସ.ଅଙ୍କ ନିକଟକୁ ନେଇ ଆସିବେ । ଅତଃ ମୁଁ ନିଜ ଭାଇ ବିଷୟରେ ଭାବୁଥିଲି କି ଠିକ୍ ସେତିକିବେଳେ ଆଉ ଜଣେ ବ୍ୟକ୍ତି ଆସିଲା ଏବଂ କବାଟ୍ ଠକ୍ ଠକ୍ କରିବାକୁ ଲାଗିଲା । ମୁଁ ପଚାରିଲି କିଏ ? ଉକ୍ତ ବ୍ୟକ୍ତି ଜଣକ କହିଲେ, ମୁଁ ଉସ୍‌ମାନ୍ ବିନ୍ ଅଫ୍ଫାନ୍ ଅଟେ । ମୁଁ କହିଲି, ଆଜ୍ଞା ଟିକିଏ ରୁହନ୍ତୁ । ମୁଁ ଆଁହଜରତ ସ.ଅଙ୍କ ନିକଟକୁ ଆସିଲି ଏବଂ ତତ୍‌ସମ୍ବନ୍ଧରେ ଆଁହଜରତ ସ.ଅଙ୍କୁ ସୂଚିତ କଲି । ଆପଣ ସ.ଅ କହିଲେ, ବସ୍ସ ! ତାଙ୍କୁ ଆସିବାକୁ ଦିଅ ଏବଂ ତାଙ୍କୁ ମଧ୍ୟ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରିଦିଅ । ତତ୍‌ସହିତ ଆଁହଜରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ସଂପର୍କରେ ଏହା ମଧ୍ୟ କହିଲେ ଯେ, ହ. ଉସ୍‌ମାନ୍ ର.ଅ ଏକ ମହା ବିପତ୍ତିର ସମ୍ମୁଖୀନ ହେବେ। କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କୁ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରିଦିଅ । ଅତଏବ ମୁଁ ହ. ଉସମାନ୍ ର.ଅଙ୍କ ନିକଟକୁ ଆସିଲି ଏବଂ ମୁଁ ତାଙ୍କୁ କହିଲି, ହେ ଉସ୍‌ମାନ୍! ଆପଣ ର.ଅ ଭିତରକୁ ଆସନ୍ତୁ। ଆପଣ ର.ଅ ନାନା ଦୁଃଖ କଷ୍ଟ ଓ ବିପତ୍ତିର ସମ୍ମୁଖୀନ ହେବା ସତ୍ତ୍ୱେ ଆପଣ ର,ଅଙ୍କୁ ଆଁହଜରତ ସ.ଅ ବୈକୁଣ୍ଠଗାମୀ ହେବାର ଶୁଭ ସମାଚାର ପ୍ରଦାନ କରିଛନ୍ତି। ସୁତରାଂ ହ. ଉସ୍‌ମାନ୍ ର.ଅ ଭିତରକୁ ଆସିଲେ ଏବଂ ଦେଖିଲେ ଯେ, କୂପର ଉପର ଭାଗରେ ଥିବା ସ୍ଥାନଟି ପୂର୍ଣ୍ଣ ହୋଇଯାଇଛି ଏବଂ ବସିବା ନିମନ୍ତେ ଆଉ ସ୍ଥାନ ନାହିଁ ତେଣୁ ଆପଣ ସ.ଅ ଅନ୍ୟତ୍ର ବା ଆନ୍ୟ ପାର୍ଶ୍ୱରେ ଯାଇ ବସିଗଲେ। **(ସହି ବୁଖାରୀ, କିତାବ୍ ଫଜାଏଲୁ ଅସ୍‌ହାବୁନ୍ ନବିୟି ସ.ଅ, ବାବୁ କୌଲିନ୍ ନବୀ ସ.ଅ ଲୌ କୁନ୍ତୁ ମୁଉଖିଜନ୍ ଖଲିଲା, ହଦିସ୍ ନଂ-୩୬୭୪), (ଜୀବନୀ ଶବ୍ଦକୋଷ, ପୃ-୭୦, ଜୱାର୍ ଏକାଡ଼େମୀ କରାଚୀ ୨୦୦୩ ମସିହା)**

ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଓହୋଦ୍ ପର୍ବତ ଉପରେ ଚଢିଲେ ଏବଂ ଆପଣ ସ.ଅଙ୍କ ସହିତ ହ. ଅବୁ ବକର ଓ ହ. ଉମର୍ ଏବଂ ହ. ଉସ୍‌ମାନ୍ ର.ଅ ମଧ୍ୟ ଥିଲେ । ଅତଃ ସେହି ପର୍ବତଟି ଆନ୍ଦୋଳିତ ହେବାକୁ ଲାଗିଲା। ଆଁହଜରତ ସ.ଅ କହିଲେ; ହେ ଓହୋଦ୍ ପର୍ବତ ! ଥମିଯା ! (ମୁଁ ଭାବୁଛି ଆଁହଜରତ ସ.ଅ ସେହି ପର୍ବତ ଉପରେ ନିଜର ପାଦ ମଧ୍ୟ ମାରିଲେ) କାରଣ ତୋ ଉପରେ ଆଉ କେହି ନାହିଁ କେବଳ ଜଣେ ନବୀ, ଜଣେ ସିଦ୍ଦିକ୍ (ସତ୍ୟବାଦୀ) ଓ ଦୁଇଜଣ ଶହୀଦ୍ ବୀରଗତି ପ୍ରାପ୍ତକାରୀ ଛିଡ଼ା ହୋଇଛନ୍ତି। **(ସହି ବୁଖାରୀ, କିତାବ୍ ଫଜାଏଲୁ ଅସ୍‌ହାବୁନ୍ ନବିୟି ସ.ଅ, ବାବୁ ମନାକିବି ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ, ହଦିସ୍ ନଂ-୩୬୬୯**)

ହ. ସଇଦ୍ ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ୯ ଜଣ ଲୋକଙ୍କ ସଂପର୍କରେ ଏକଥା ସାକ୍ଷ୍ୟ ପ୍ରଦାନ କରୁଛି ଯେ, ସେମାନେ ବୈକୁଣ୍ଠ ପୁରର ଅଧିକାରୀ ଅଟନ୍ତି। ଅତଏବ ମୁଁ ଦଶମ ବ୍ୟକ୍ତିଙ୍କ ସଂପର୍କରେ ମଧ୍ୟ ଏହି କଥାକୁ ପୁନରାବୃତ୍ତି କରେ ତେବେ ମୁଁ ପାପୀ ହେବି ନାହିଁ । ସେ କହିଲେ, କିପରି ? ସେ କହିଲେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯେତେବେଳେ ହିରା ପର୍ବତ ଉପରେ ଚଢିବାକୁ ଲାଗିଲୁ ସେତେବେଳେ ତାହା ଆଲୋଡ଼ିତ ବା ଆନ୍ଦୋଳିତ ହେବାକୁ ଲାଗିଲା । ପ୍ରଥମ ବର୍ଣ୍ଣନାଟି ବୁଖାରୀର ଥିବାବେଳେ ଉକ୍ତ ବର୍ଣ୍ଣନାଟି ତିର୍ମିଜିର ଅଟେ ଏବଂ ତହିଁରେ ହିରା ପର୍ବତର ଚର୍ଚ୍ଚା ରହିଛି । ଅତଏବ ପ୍ରତିକ୍ରିୟା ସ୍ୱରୂପ ଆଁହଜରତ ସ.ଅ କହିଲେ, ହେ ହିରା ପର୍ବତ ଥମିଯା ! (ମୁଁ ଭାବୁଛି ଆଁହଜରତ ସ.ଅ ସେହି ପର୍ବତ ଉପରେ ନିଜର ପାଦ ମଧ୍ୟ ମାରିଲେ) କାରଣ ତୋ ଉପରେ ଆଉ କେହି ନାହିଁ କେବଳ ଜଣେ ନବୀ, ଜଣେ ସିଦ୍ଦିକ୍ (ସତ୍ୟବାଦୀ) ଓ ଦୁଇଜଣ ଶହୀଦ୍ ଛିଡ଼ା ହୋଇଛନ୍ତି । କୌଣସି ଏକ ବ୍ୟକ୍ତି ଜଣକ ପଚାରିଲେ ଯେ, ସେହି ବ୍ୟକ୍ତିମାନେ କିଏ ? ଯେଉଁମାନେ ବୈକୁଣ୍ଠ ପୁରର ଅଧିକାରୀ ଅଟନ୍ତି। ହ. ସଇଦ୍ ବିନ୍ ଜୈଦ୍ କହିଲେ, ରସୁଲୁଲ୍ଲାଃ ସ.ଅ, ହ. ଅବୁ ବକର ର.ଅ, ଉମର୍ ର.ଅ, ଉସମାନ୍ ର.ଅ, ଅଲୀ ର.ଅ, ତଲ୍‌ହା ବିନ୍ ଜୁବୈର୍ ର.ଅ, ସାଆଦ୍ ବିନ୍ ଅଉଫ୍ ର.ଅ ଆଦି ବ୍ୟକ୍ତି ଅଟନ୍ତି । କୁହାଗଲା କି ଦଶମ ବ୍ୟକ୍ତି ଜଣକ କିଏ ? ତେବେ ପ୍ରତ୍ୟୁତ୍ତରରେ ସାଆଦ୍ ବିନ୍ ଜୈଦ୍ କହିଲେ, ଦଶମ ବ୍ୟକ୍ତି ଜଣକ ହେଉଛି ମୁଁ । (ସୁନନୁତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବୁ ମନାକିବି ସଇଦ୍ ବିନ୍ ଜୈଦ୍, ହଦିସ୍ ନଂ-୩୭୫୭) (ଅସଦୁଲ୍ ଗାବ୍‌ବା, ଭାଗ-୨, ପୃ-୪୭୮, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ ୨୦୦୩ ମସିହା)

ଏଠାରେ ଏହା ମଧ୍ୟ ସ୍ପଷ୍ଟ ହେଉ କି ଉକ୍ତ ବର୍ଣ୍ଣନାରେ ସେହି ଦଶ ଜଣ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ସାହାବାମାନଙ୍କର ଚର୍ଚ୍ଚା ରହିଛି ଯେଉଁମାନଙ୍କୁ ଆଁହଜରତ ସ.ଅ ସେମାନଙ୍କ ଜୀବନକାଳ ମଧ୍ୟରେ ବୈକୁଣ୍ଠ ପୁରର ଶୁଭ ସମାଚାର ପ୍ରଦାନ କରିଥିଲେ । ଏମାନେ ସମସ୍ତେ ଆଁହଜରତ ସ.ଅଙ୍କର ପ୍ରିୟ ଓ ଅତି ନିବିଡ଼ ବ୍ୟକ୍ତି ଥିଲେ ଏବଂ ପରାମର୍ଶଦାତା ମଧ୍ୟ ଥିଲେ । ସୁତରାଂ ଆମେମାନେ ଏମାନଙ୍କୁ ଜୀବନୀ ପରିଭାଷାରେ **ଅଶ୍ରା ମୁବଶ୍ରା** ବୋଲି କହିଥାଉ । ଅର୍ଥାତ **ଅଶ୍ରା ମୁବଶ୍ରାହ୍** କହିଲେ, ସେହି ଦଶ ଜଣ ବ୍ୟକ୍ତିଙ୍କୁ ବୁଝାଏ ଯେଉଁମାନଙ୍କୁ ବୈକୁଣ୍ଠପୁରର ଅଧିକାରୀ ହେବାର ଶୁଭ ସମାଚାର ପ୍ରଦାନ କରାଯାଇଛି । କିନ୍ତୁ ଏକଥା ଧ୍ୟାନ ରହୁ କି ଆଁହଜରତ ସ.ଅ କେବଳ ଏହି ଦଶ ଜଣ ବ୍ୟକ୍ତିଙ୍କୁ ବୈକୁଣ୍ଠ ପୁରର ଅଧିକାରୀ ବୋଲି ଦର୍ଶାଇ ନାହାନ୍ତି । ବରଂ ଏମାନଙ୍କ ବ୍ୟତୀତ ଆହୁରି ଅନେକ ପୁରୁଷ ଓ ମହିଳା ସାହାବାମାନେ ରହିଥିଲେ ଯେଉଁମାନଙ୍କୁ ଆଁହଜରତ ସ.ଅ ବୈକୁଣ୍ଠ ପୁରର ଅଧିକାରୀ ହେବାର ଶୁଭ ସମାଚାର ପ୍ରଦାନ କରିଥିଲେ ।

ସୁତରାଂ ସେହି ଦଶ ଜଣ ସାହାବାମାନଙ୍କ ବ୍ୟତୀତ ଅନ୍ୟୁନ ୫୦ ଜଣ ସାହାବା ଓ ସାହାବିୟାତ୍ (ମହିଳା ସାହାବାମାନେ)ଙ୍କ ନାମ ହଦିସ୍‌ରେ ଉଲ୍ଲେଖ ଥିବାର ଜଣାଯାଏ । ଏତଦ୍‌ଭିନ୍ନ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ୩୧୩ ଜଣ ସାହାବାମାନେ, ୱହୋଦ୍ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସାହାବାମାନେ ଏବଂ ବୈଅତେ ରିଜ୍‌ୱାନ ଓ ସୁଲାହ୍ ହୁଦୈବିୟା ଅବସରରେ ଅଂଶଗ୍ରହଣକାରୀଙ୍କ ସଂପର୍କରେ ମଧ୍ୟ ଆଁହଜରତ ସ.ଅ ବୈକୁଣ୍ଠଗାମୀ ହେବାର ଶୁଭ ସମାଚାର ପ୍ରଦାନ କରିଥିଲେ ।

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ତୁମମାନଙ୍କ ମଧ୍ୟରେ ଆଜି କିଏ ଓଷା ରଖିଛି ? ହ. ଅବୁ ବକର ର.ଅ କହିଲେ, ମୁଁ । ଆଁହଜରତ ସ.ଅ କହିଲେ, ତୁମମାନଙ୍କ ମଧ୍ୟରୁ ଆଜି କେଉଁମାନେ ଯନାଜାଃ ସହିତ ଯାଇଥିଲେ ? ହ. ଅବୁ ବକର ର.ଅ କହିଲେ, ମୁଁ । ଆଁହଜରତ୍ ସ.ଅ ପୁନଶ୍ଚ କହିଲେ, ତୁମମାନଙ୍କ ମଧ୍ୟରୁ ଆଜି କିଏ ଅଭାବି ବ୍ୟକ୍ତିକୁ ଖାଦ୍ୟ ଖୁଆଇଛି ? ହ. ଅବୁ ବକର ର.ଅ କହିଲେ, ମୁଁ । ହୁଜୁର ସ.ଅ ପୁନଃ ପଚାରିଲେ, ତୁମମାନଙ୍କ ମଧ୍ୟରୁ ଆଜି କିଏ ରୋଗୀ ନିକଟକୁ ପରିଦର୍ଶନ ନିମନ୍ତେ ଯାଇଛି । ଅର୍ଥାତ ରୋଗୀର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି ? ହ. ଅବୁ ବକର ର.ଅ କହିଲେ, ମୁଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ମଧ୍ୟରେ ଏହି ସମସ୍ତ କଥା ବିଦ୍ୟମାନ ଅର୍ଥାତ ଏହି ସମସ୍ତ ଗୁଣାବଳୀ ଏକତ୍ରିତ ହୋଇଯାଇଛି ସେହି ବ୍ୟକ୍ତି ଜଣକ ନିଃର୍ଦ୍ୱନ୍ଦ୍ୱରେ ବୈକୁଣ୍ଠଗାମୀ ହେଲା । (**ସହି ମୁସ୍‌ଲିମ୍. କିତାବୁ ଫଜାଏଲୁସ୍ ସାହାବା, ବାବୁ ମିନ୍ ଫଜାଏଲି ଅବି ବକ୍‌ରିନ୍, ହଦିସ୍ ନଂ-୪୩୮୬, ଉର୍ଦ୍ଦୁ ଅନୁବାଦ, ପ୍ରକାଶକ-ନୁର୍ ଫାଉଣ୍ଡେସନ, ଭାଗ-୧୩, ପୃ-୭**)

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଜିବ୍ରାଇଲ୍ ଅ.ସ ମୋ ନିକଟକୁ ଆସିଲେ ଏବଂ ସେ ମୋର ହସ୍ତ ଧରିଲେ ଏବଂ ମୋତେ ସ୍ୱର୍ଗ ଦ୍ୱାର ଦେଖାଇଲେ ଓ କହିଲେ ହେଇ ଦେଖ ! ଏହି ସ୍ୱର୍ଗ ଦ୍ୱାରରୁ

ମୋର ଉମ୍ମତ୍ (ସଂପ୍ରଦାୟ) ସ୍ୱର୍ଗରେ ଅବାଧ ଭାବରେ ପ୍ରବେଶ କରିବ । ହ. ଅବୁ ବକର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏପରି ହୁଅନ୍ତା କି ମୁଁ ବି ଆପଣ ସ.ଅଙ୍କ ସହିତ ହୋଇଥାନ୍ତି । କାରଣ ମୁଁ ମଧ୍ୟ ସେହି ଦ୍ୱାରକୁ ଦେଖନ୍ତି ! ଆଁହଜରତ ସ.ଅ କହିଲେ, ହେ ଅବୁ ବକର୍ ର.ଅ ! ତୁମେ ହେଉଛ ମୋ ଉମ୍ମତ୍‌ର ସର୍ବ ପ୍ରଥମ ବ୍ୟକ୍ତି ଯିଏ ସ୍ୱର୍ଗରେ ସର୍ବ ପ୍ରଥମେ ପ୍ରବେଶ କରିବ । **(କନ୍‌ଜୁଲ୍ ଉମ୍ମାଲ୍ ଭାଗ-୬, ଖଣ୍ଡ-୧୧, ପୃ-୫୪୪, ଫଜଲୁ ଅବୁ ବକର ସିଦ୍ଦିକ୍ ର.ଅ, ହଦିସ୍ ନଂ-୩୨୫୫୧, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍ ୨୦୦୪ ମସିହା)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ କଥାକୁ ଅତିରିକ୍ତ କରି କୁହନ୍ତି; ଏକଦା ହୁଜୁର ସ.ଅ ଜଣେ ସଭାରେ ବିରାଜମାନ ଥିଲେ ଏବଂ ଆପଣ ସ.ଅଙ୍କ ଆଖପାଖରେ ସାହାବାମାନେ ବସିଥିଲେ । ଆପଣ ସ.ଅ ଏହି ଚର୍ଚ୍ଚା ଆରମ୍ଭ କରିଦେଲେ ଯେ, ସ୍ୱର୍ଗରେ ଏପରି ହେବ ସେପରି ହେବ । ପୁନଶ୍ଚ ଆପଣ ସ.ଅ ସ୍ୱର୍ଗ ଓ ତା'ର ପୁରସ୍କାର ସଂପର୍କରେ ଚର୍ଚ୍ଚା କଲେ ଏବଂ କହିଲେ ଅଲ୍ଲାଃତାଲା ମୋ ନିମନ୍ତେ ଯାହା ନିୟତିକୃତ କରିଛନ୍ତି ତାହା ସେ ମୋତେ ଅବଶ୍ୟ ପ୍ରଦାନ କରିବେ । ସୁତରାଂ ହ. ଅବୁ ବକର ର.ଅ ଯେତେବେଳେ ଉକ୍ତ କଥା ଶୁଣିଲେ ସେତେବେଳେ ଆପଣ ର.ଅ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମୋ ପାଇଁ ଦୁଆ କରନ୍ତୁ ଯେ, ମୁଁ ମଧ୍ୟ ସ୍ୱର୍ଗପୁରରେ ଆପଣ ସ.ଅଙ୍କ ସହିତ ଥିବି । (ଅନ୍ୟ କେତେକ ବର୍ଣ୍ଣନାରେ ଅନ୍ୟ ଏକ ସାହାବିଙ୍କ ନାମ ଉଲ୍ଲେଖ ଥିବାବେଳେ ଆଉ କେତେକ ବର୍ଣ୍ଣନାରେ ହ. ଅବୁ ବକର ର.ଅଙ୍କ ନାମ ଉଲ୍ଲେଖ ଥିବାର ଜଣାଯାଏ)ପ୍ରତ୍ୟୁତ୍ତରରେ ହ. ମୁହମ୍ମଦ ସ.ଅ କହିଲେ; ହେ ଅବୁ ବକର ! ମୁଁ ଦୁଆ ଓ ଆଶା କରୁଛି ଯେ, ତୁମେ ମୋ ସହିତ ରହିବ ଓ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ମଧ୍ୟ ଏହି ପ୍ରାର୍ଥନା କରୁଛି ଯେ, ଏହିପରି ହିଁ ହେଉ । ଆଁହଜରତ ସ.ଅ ଯେତେବେଳେ ଏକଥା କହିଲେ ସେତେବେଳେ ସ୍ୱାଭାବିକ ରୂପେ ସଭାରେ ଉପସ୍ଥିତ ଥିବା ସାହାବାମାନଙ୍କ ମନରେ ଏହି ଚିନ୍ତାଧାରା ଉଦ୍ରେକ ହେଲା ଯେ, ଆମେ ବି ଆଁହଜରତ ସ.ଅଙ୍କୁ କହିବୁ ଯେ, ସେ ଆମ ପାଇଁ ଏହି ଦୁଆ କରନ୍ତୁ । ପୂର୍ବେ ସାହାବାମାନେ ଏହା ଚିନ୍ତା କରୁଥିଲେ ଯେ, ଆମର କାହୁଁ ସେ ଭାଗ୍ୟ ଯେ, ଆମେ ଆଁହଜରତ ସ.ଅଙ୍କ ସହିତ ସ୍ୱର୍ଗରେ ରହିବୁ । କିନ୍ତୁ ହ. ଅବୁ ବକର ର.ଅ କିମ୍ବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଅନ୍ୟ ଏକ ସାହାବି ଏହି କଥା କହିଦେଲେ । ଆଁହଜରତ ସ.ଅ ସେହି ସାହାବିଙ୍କ ପାଇଁ ମଧ୍ୟ ପ୍ରାର୍ଥାନ କରିଥିଲେ । ବର୍ତ୍ତମାନ ସାହାବାମାନଙ୍କୁ ଏହି ସୁଯୋଗ ମିଳିଗଲା ଏବଂ ସେମାନଙ୍କୁ ଏହା ଜ୍ଞାତ ହୋଇଗଲା ଯେ, ଏହି କାର୍ଯ୍ୟ ଅସମ୍ଭବ ନୁହଁ ବରଂ ସମ୍ଭବ ଅଟେ । ସୁତରାଂ ସାହାବାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଛିଡ଼ା ହେଲେ ଏବଂ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ! ଆପଣ ମୋ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ମୋତେ ବି ଆପଣ ସ.ଅଙ୍କ ସାହଚର୍ଯ୍ୟତା ପ୍ରାପ୍ତ ହେଉ । ଆଁହଜରତ ସ.ଅ କହିଲେ; ଅଲ୍ଲାଃତାଲା ତୁମ ଉପରେ ମଧ୍ୟ ଦୟାବତୀର୍ଣ୍ଣ କରନ୍ତୁ । କିନ୍ତୁ ଯିଏ ପ୍ରଥମେ କହିଥିଲା, ସେ ତ' ମୋ ଦୁଆର ଅଧିକାରୀ ହୋଇଯାଇଛନ୍ତି ।

**(ଖୁତ୍‌ବାତେ ମେହ୍‌ମୁଦ୍ ଭାଗ-୧୯, ପୃ-୪୨୭-୨୮)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି; ଏକଦା ରସୁଲ୍ଲାଃ ସ.ଅ ପୁଣ୍ୟ ସଂପର୍କରେ ଚର୍ଚ୍ଚା କଲେ ଏବଂ କହିଲେ; ଅମକ ପୁଣ୍ୟ କରିଥିବା ବ୍ୟକ୍ତି ସ୍ୱର୍ଗର ଅମକ ଦ୍ୱାର ମଧ୍ୟ ଦେଇ ପ୍ରବେଶ କରିବ ଏବଂ ଅମକ ପୁଣ୍ୟ କିରଥିବା ବ୍ୟକ୍ତି ଅମକ ପୁଣ୍ୟର ଅଧିକାରୀ ହେବ ଓ ସ୍ୱର୍ଗରେ ଅମକ ଦ୍ୱାର ଦେଇ ପ୍ରେବଶ କରିବ। ଯେଉଁ ବ୍ୟକ୍ତି ଅମକ ଉପାସନାରେ ଅଧିକ ଅଂଶ ଗ୍ରହଣ କରିଥିବ ସେ ଅମକ ଦ୍ୱାର ଦେଇ ବୈକୁଣ୍ଠରେ ପ୍ରବେଶ କରିବ । ଆଁହଜରତ ସ.ଅ ଭିନ୍ନ ଭିନ୍ନ ପ୍ରକାରର ପୁଣ୍ୟ କର୍ମ ଓ ଉପାସନାର ଚର୍ଚ୍ଚା କରି କହିଲେ; ସ୍ୱର୍ଗପୁରରେ ୭ଟି ପ୍ରବେଶ ଦ୍ୱାର ରହିଛି ଏବଂ ଯେଉଁ ବ୍ୟକ୍ତି ଯେଉଁ ପ୍ରକାରର ପୁଣ୍ୟ କରିଥିବ ସେହି ବ୍ୟକ୍ତି ତା' ପୁଣ୍ୟ କର୍ମ ଅନୁଯାୟୀ ସେହି ପ୍ରବେଶ ଦ୍ୱାର ମଧ୍ୟ ଦେଇ ସ୍ୱର୍ଗ ପୁରରେ ପ୍ରବେଶ କରିବ । ହ. ଅବୁ ବକର ର.ଅ ଉକ୍ତ ସାଭାରେ ବିରାଜମାନ ଥିଲେ, ଏକଥା ଶୁଣି ଆପଣ ର.ଅ କହିଲେ; ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ! ଲୋକମାନେ ସ୍ୱର୍ଗର ବିଭିନ୍ନ ଦ୍ୱାର ଦେଇ ଅତିକ୍ରମ କରିଯିବେ । ଅର୍ଥାତ ସେମାନେ ଏକ ପୁଣ୍ୟ ଓ ଗୋଟିଏ ଉପାସନା ଉପରେ ଗୁରୁତ୍ୱାରୋପ କରୁଥିବେ । କିନ୍ତୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଜଣେ ବ୍ୟକ୍ତି ପ୍ରତ୍ୟେକ ପୁଣ୍ୟ (କର୍ମ) ଉପରେ ଗୁରୁତ୍ୱ ଦେଇ ତାହାକୁ ସମ୍ପାଦନ କରିଥିବ ଓ ସମସ୍ତ ଉପାସନା ଉପରେ ଗୁରତ୍ୱାରୋପ କରିଥିବ ତେବେ ସେପରିପ୍ରେକ୍ଷୀରେ ତା' ପ୍ରତି କେଭଳି ଆଚରଣ ପ୍ରଦର୍ଶନ ହେବ ? ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ; ସେହି ବ୍ୟକ୍ତିକୁ ସ୍ୱର୍ଗ ପୁରର ପ୍ରତ୍ୟେକ ପ୍ରବେଶ ଦ୍ୱାରରୁ ଡକାଯିବ ଏବଂ ମୁଁ ଆଶା କରୁଛି ଯେ, ହେ ଅବୁ ବକର ! ତୁମେ ହିଁ ସେହି ବ୍ୟକ୍ତି ଅଟ ଯାହାଙ୍କୁ ପ୍ରତ୍ୟେକ ପ୍ରେବଶ ଦ୍ୱାର ମଧ୍ୟରୁ ଡ଼କାଯିବ ଏବଂ ତୁମେ ହିଁ ସେହି ସମସ୍ତ ପୁଣ୍ୟ କର୍ମ ସମ୍ପାଦକାରୀ ବ୍ୟକ୍ତି ଅଟ ।

**(ଖୁତବାତେ ମେହ୍‌ମୁଦ୍, ଭାଗ-୧୮, ପୃ-୬୨୪)**

ହୁଜୁର ଅନୱର୍ ଅ.ବ କହିଲେ ହ. ଅବୁ ବକର ର.ଅଙ୍କ ଚର୍ଚ୍ଚା ଆଗାମୀ ଖୁତ୍‌ବାରେ ମଧ୍ୟ ଜାରି ରହିବ ଏବଂ ଏତଦ୍‌ପରେ ହୁଜୁର ଅନୱର୍ ଅ.ବ କେତେକ ମୃତକମାନଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ କରିବାର ଘୋଷଣା କରି କହିଲେ; ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି।

(୧) ଇଣ୍ଡୋନେସିଆ ଜମାଅତ୍‌ର ଅମୀର୍ ସାହେବ ସମ୍ମାନନୀୟ ଅବ୍‌ଦୁଲ୍ ବାସିତ୍ ସାହେବ ଚଳିତ ଅକ୍ଟୋବର ମାସ ୮ ତାରିଖ ଦିନ ୭୧ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତ ଅବ୍‌ଦୁଲ୍ ବାସିତ୍ ସାହେବ ସୁମାତ୍ରାର ମୌଲବୀ ଅବ୍‌ଦୁଲ୍ ୱାହିଦ୍ ସାହେବଙ୍କ ସୁପୁତ୍ର ଥିଲେ ଏବଂ ଏଫ. ଏ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିବା ପରେ ୨୧ ବର୍ଷ ବୟସରେ ୨୦ଡ଼ିସେମ୍ବର ୧୯୭୨ ମସିହରେ ଯାମିଆ ଅହେମଦିୟା ରବ୍‌ୱାରେ ପ୍ରବେଶ ହୋଇଥିଲେ । ୧୯୮୧ମସିହାରର ପ୍ରାରମ୍ଭରେ ଯାମିୟା ଅହେମଦିୟା ରବ୍‌ୱାରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୮୧ ମସିହାରେ ଆପଣ ମୁବଲ୍ଲିଗ ଭାବରେ ସ୍ୱଦେଶକୁ ଅର୍ଥାତ ଇଣ୍ଡୋନେସିଆ ଫେରି ଯାଇଥିଲେ। ୧୯୮୭ ମସିହାରେ ମଜ୍‌ଲିସେ ଆମିଲା ଇଣ୍ଡୋନେସିଆରେ ଏହି ପ୍ରସ୍ତାବ ଆଗତ ହୋଇଥିଲା ଯେ, ଥାଇଲାଣ୍ଡରେ ତବ୍‌ଲିଗକୁ ଦୃଷ୍ଟିରେ ରଖି ଜଣେ ଇଣ୍ଡୋନେସୀୟ ମୁବଲ୍ଲିଗଙ୍କୁ କୁଆଲାଲାମ୍ପୁର ମାଲେସୀୟ ନାଗରିକତା ପ୍ରାପ୍ତ କରି ଥାଇଲାଣ୍ଡରେ ତବ୍‌ଲିଗ୍ ନିମନ୍ତେ ପ୍ରେରଣ କରାଯାଉ । ତେଣୁ ସ୍ୱର୍ଗତଙ୍କ ନାମ ଉପସ୍ଥାପିତ ହେଲା। ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଅନୁମତି କ୍ରମେ ସ୍ୱର୍ଗତ ଅବଦୁଲ୍ ବାସିତ୍ ସାହେବ ଥାଇଲାଣ୍ଡ ଯାଇଥିଲେ। ପରବର୍ତ୍ତୀ ସମୟରେ ଇଣ୍ଡୋନେସିଆକୁ ତାଙ୍କର ବଦଳି ହୋଇଗଲା ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଇଣ୍ଡୋନେସିଆରେ ହିଁ ନିଜର କର୍ମମୟ ଜୀବନ ଅତିବାହିତ କରିଥିଲେ। ସ୍ୱର୍ଗତ ଅବ୍‌ଦୁଲ୍ ବାସିତ୍ ସାହେବଙ୍କୁ ଦୀର୍ଘ କାଳ ଧରି ଇଣ୍ଡୋନେସିଆରେ ଅମୀର୍ ଭାବାରେ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ଏହି ଦୃଷ୍ଟିରୁ ଦେଖିଲେ ତାଙ୍କ ସେବା କରିବାର କାର୍ଯ୍ୟକାଳ ୪୦ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ । ମୃତକଙ୍କ ପରିବାର ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ତିନି ଜଣ ସୁପୁତ୍ର ଏବଂ ଦୁଇ ଜଣ ସୁପୁତ୍ରୀ ଅନ୍ତର୍ଭୁକ୍ତ ରହିଛନ୍ତି ।

ସ୍ୱର୍ଗତ ବାସିତ୍ ସେହେବଙ୍କ ପତ୍ନୀ ମୁସ୍‌ଲୀୱାତି ସାହେବା କୁହନ୍ତି, ସ୍ୱର୍ଗତ ବାସିତ୍ ସାହେବ ଜମାଅତ୍ ପ୍ରତି ସର୍ବଦା ପ୍ରୟତ୍ନଶୀଳ ଓ ସମ୍ବେଦନଶୀଳ ଥିଲେ ଏବଂ ଜମାଅତ୍‌କୁ ପ୍ରତ୍ୟେକ ବସ୍ତୁ ଉପରେ ପ୍ରାଧାନ୍ୟ ଦେଉଥିଲେ । ଜଣେ ପତ୍ନୀ ହିସାବରେ ଜମାଅତ୍ ପ୍ରତି ଥିବା ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସେବାକୁ ଦେଖି ମୁଁ ନିଃଦ୍ୱନ୍ଦ୍ୱରେ ତାଙ୍କର ପ୍ରଶଂସା କରୁଛି।ତାହେର ସାହେବ ନାମକ ତାଙ୍କର ଜଣେ ପୁତୁରା ଅଟନ୍ତି ସେ କୁହନ୍ତି, ସ୍ୱର୍ଗତ ବାସିତ୍ ସାହେବ ମର୍କଜରୁ ଆସୁଥିବା ପ୍ରତ୍ୟେକ ମାର୍ଗଦର୍ଶିକା ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ ଓ ଆଜ୍ଞା ପାଳନ କରୁଥିଲେ। ଏକଦା ସ୍ୱର୍ଗତ ବାସିତ୍ ସାହେବ କହିଲେ ଯେ, ପରିବାରକୁ ଭେଟିବା ପାଇଁ ମାଲେସିଆ ଯିବାର କାର୍ଯ୍ୟକ୍ରମ ହୋଇଥିଲା । ଏଥିପାଇଁ ବିମାନ ଟିକଟ ମଧ୍ୟ କିଣିଥିଲି । କିନ୍ତୁ ପ୍ରାୟ ଏକ ସପ୍ତାହ ପରେ ମୁଁ ଯେତେବେଳେ ତାଙ୍କୁ ପୁନର୍ବାର ଭେଟିଲି ସେତେବେଳେ ମୁଁ ସ୍ୱର୍ଗତଙ୍କୁ ପଚାରିଲି ଯେ, ଆପଣ ମାଲେସିଆ କାହିଁକି ଗଲେ ନାହିଁ ? ତେବେ ପ୍ରତ୍ୟୁତ୍ତରରେ ସେ କହିଲେ, ମୋତେ ମର୍କଜ ପକ୍ଷରୁ ଯେଉଁ ପତ୍ର ପ୍ରାପ୍ତ ହୋଇଥିଲା ତହିଁରେ ଏହା ଉଲ୍ଲେଖ ରହିଥିଲା ଯେ, ଆପଣଙ୍କୁ ଇଣ୍ଡୋନେସିଆ ଯିବାକୁ ଅନୁମତି ଦିଆଯାଉ ନାହିଁ । ଅତଃ ସ୍ୱର୍ଗତ ବାସିତ୍ ସାହେବ କହିଲେ ଯେ, ମୋତେ ମର୍କଜରୁ ଇଣ୍ଡୋନେସିଆ ଯିବା ପାଇଁ ଅନୁମତି ମିଳିଲା ନାହିଁ । ତେଣୁ ମୁଁ ମାଲେସିଆ ଯିବାର ଆଶା ଛାଡ଼ି ଦେଲି ଏବଂ ଟିକଟ ସଂପର୍କରେ ମଧ୍ୟ କୌଣସି ଚିନ୍ତା କଲି ନାହିଁ । ତାଙ୍କ ସହିତ କାର୍ଯ୍ୟ କରୁଥିବା ଜଣେ ପଦାଧିକାରୀ କୁହନ୍ତି, ସ୍ୱର୍ଗତ ବାସିତ୍ ସାହେବ ଅତ୍ୟନ୍ତ ପ୍ରେମ ଓ ସହୃଦୟର ସହିତ ଆମମାନଙ୍କୁ କାମ ଶିଖାଉଥିଲେ ଏବଂ ଆମମାନଙ୍କୁ ବୁଝାଉଥିଲେ । ଅମୀର ଜମାଅତ୍ ହେବା ସତ୍ତ୍ୱେ ଜମାଅତ୍ ଠାରୁ କେବେ କି ସୁବିଧା ମାଗୁ ନଥିଲେ । ଜମାଅତ୍ ଠାରୁ ଯାହାକିଛି ବି ମିଳୁଥିଲା ଓ ଯେଉ ସୁବିଧା ସୁଯୋଗ ମିଳୁଥିଲା ତାହାକୁ ସେ ପ୍ରସନ୍ନ ଚିତ୍ତର ସହିତ ବ୍ୟବହାର କରୁଥିଲେ ଓ ସହୃଦୟର ସହ ସ୍ୱୀକାର କରୁଥିଲେ । ସ୍ୱର୍ଗତ ବାସିତ୍ ସାହେବ ସର୍ବଦା ସରଳ ଜୀବନ ଯାପନ କରିବା ପ୍ରତି ପ୍ରଧାନ୍ୟ ଦେଉଥିଲେ। କାର୍ଯ୍ୟାଳୟ ସମୟରେ ମଧ୍ୟ ଅନେକ ଥର ସ୍ୱୟଂ ଆମ ପାଖରେ ଆସି ବସୁଥିଲେ ଏବଂ ପତ୍ର ଦେଖି ଆମକୁ ନୋଟ୍ ଲେଖାଉଥିଲେ । ସ୍ୱର୍ଗତ ବାସିତ୍ ସାହେବ ମୁବଲ୍ଲିଗିନ୍‌ମାନଙ୍କୁ ବିଶେଷ ସମ୍ମାନ ପ୍ରଦର୍ଶନ କରୁଥିଲେ । ସ୍ୱର୍ଗତ ବାସିତ୍ ସାହେବ ଅତ୍ୟନ୍ତ ଗଭୀର ଜ୍ଞାନର ଅଧିକାରୀ ଥିଲେ । ଯେତେବେଳେ କୌଣସି ନିଷ୍ପତ୍ତି ନେଉଥିଲେ ସେତେବେଳେ ଆମେଲାର ସଦସ୍ୟମାନଙ୍କ ଠାରୁ ସର୍ବଦା ପରାମର୍ଶ ଲୋଡୁଥିଲେ । ଜଣେ ସୁଶୀଳ ଏବଂ ବିନୀତ ପୂର୍ଣ୍ଣ ଅସ୍ତିତ୍ୱର ଅଧିକାରୀ ଥିଲେ । ଅତ୍ୟନ୍ତ ମେଳାପୀ ପ୍ରିୟ ସ୍ୱଭାବ ଏବଂ ସମସ୍ତଙ୍କ ସହିତ ପ୍ରସନ୍ନ ଚିତ୍ତ ଓ ପ୍ରସନ୍ନିତ ହୋଇ ଉଚିତ ବ୍ୟବହାରେ ପ୍ରଦର୍ଶନ କରୁଥିଲେ । ଖିଲାଫତକୁ ବହୁତ

ସ୍ନେହ ଓ ଆଦର କରୁଥିଲେ । ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିଲେ ଯେ, ଉପସ୍ଥିତ ଖଲିଫାଙ୍କର ଆଦେଶାବଳୀ ଉପରେ ନିଜର ସମସ୍ତ ରାୟକୁ ବାଦ୍ ଦେଇ ଖଲିଫାଙ୍କ ଉପଦେଶାବଳୀ ଉପରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହୁଥିଲେ। ଜମାଅତୀୟ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଉଥିଲେ । ଜମାଅତୀୟ ଅର୍ଥ ଉପରେ ତୀକ୍ଷ୍ଣ ଦୂରଦୃଷ୍ଟି ସମ୍ପନ୍ନ ଓ ପୂର୍ଣ୍ଣ ସୁରକ୍ଷାକାରୀ ବ୍ୟକ୍ତି ଥିଲେ । ଯଦି କୌଣସି ବ୍ୟକ୍ତି ଜମାଅତୀୟ ବ୍ୟବସ୍ଥା ଅବା ଜମାଅତୀୟ ଅର୍ଥର ଅପ ବ୍ୟବହାର ତଥା ବିରୁଦ୍ଧାଚରଣ କରୁଥିଲା ତେବେ ସେପରିପ୍ରେକ୍ଷୀରେ ସେ କଠୋରତା ପ୍ରଦର୍ଶନ କରୁଥିଲେ । ସର୍ବଦା ସେ ଅନ୍ୟ କର୍ମଚାରୀମାନଙ୍କ ଠାରୁ ସମୟ ପୂର୍ବରୁ କାର୍ଯ୍ୟାଳୟକୁ ଆସୁଥିଲେ । ଯଦି କୌଣସି କାରଣ ବଶତଃ କାର୍ଯ୍ୟାଳୟକୁ ଆସିପାରୁ ନଥିଲେ ଅବା ଆସିବାରେ ବିଳମ୍ବ ହେଉଥିଲା ତେବେ ସେପରିପ୍ରେକ୍ଷୀରେ ସେ ଷ୍ଟାଫ୍ କର୍ମଚାରୀଙ୍କୁ ଅବଶ୍ୟ ଅବଗତ କରି ଦେଉଥିଲେ। ଯେତେବେଳେ ସ୍ୱର୍ଗତ କାର୍ଯ୍ୟାଳୟ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗରେ ବାହାରକୁ ଯାଉଥିଲେ ସେତେବେଳେ ସେ ପଛେ କିଛି ସମୟ ପାଇଁ ହେଉ ଅବା ଅଧିକ ସମୟ ପାଇଁ କିନ୍ତୁ ତଥାପି ସେ ନିଜ କାର୍ଯ୍ୟାଳୟର ଷ୍ଟାଫ୍‌କୁ ଅବଶ୍ୟ ଜଣାଇ ଦେଉଥିଲେ । ରିପୋର୍ଟ କିମ୍ବା ପତ୍ର ଚେକ୍ କରିବା ସମୟରେ ସ୍ୱର୍ଗତ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ପ୍ରତ୍ୟେକ ଜିନିଷକୁ ଟିକିନିଖି ଭାବରେ ଓ ତନଖି ଭାବରେ ଅନୁଧ୍ୟାନ କରୁଥିଲେ । ଯଦି ତୁରନ୍ତ କୌଣସି କାର୍ଯ୍ୟ କରିବା ପାଇଁ ଆବଶ୍ୟକତା ପଡୁଥିଲା ତେବେ ସେପରିପ୍ରେକ୍ଷୀରେ ସେ ଦୀର୍ଘ ରାତ୍ର ପର୍ଯ୍ୟନ୍ତ କାର୍ଯ୍ୟରେ ନିମଜ୍ଜିତ ରହୁଥିଲେ। ଅହେମଦିମାନଙ୍କୁ ଯେତେବେଳେ ସାକ୍ଷାତ୍ କରିବାକୁ ଯାଉଥିଲେ ସେତେବେଳେ କହୁଥିଲେ ଯେ, ଆମ ଅହେମଦିମାନଙ୍କ ପିଲାମାନଙ୍କ ପାଇଁ ସର୍ବଦା ଉପହାର ନେଇ ଯାଉଥିଲେ ସେ । ସର୍ବଦା ପ୍ରେମଭରା ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେ ଏଭଳି ଜଣେ ମାର୍ଦ୍ଦଗର୍ଶକ ଥିଲେ ଯିଏ ସର୍ବଦା ଅନ୍ୟମାନଙ୍କୁ ପ୍ରସନ୍ନ କରିବା ପାଇଁ ଉଦ୍ୟମ କରୁଥିଲେ । ଅମୀର୍ ସାହେବ ଆମମାନଙ୍କ ଏବଂ ଇଣ୍ଡୋନେସିଆର ଅହେମଦିମାନଙ୍କ ପାଇଁ ଜଣେ ଆଧ୍ୟାତ୍ମିକ ପିତୃ ତୁଲ୍ୟ ଥିଲେ । ଅତଏବ ସ୍ୱର୍ଗତ ବାସିତ୍ ସାହେବଙ୍କୁ ଆଧ୍ୟାତ୍ମିକ ପିତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଜମାତୀୟ ବ୍ୟବସ୍ଥା, ପ୍ରଥା ଓ ବର୍ଣ୍ଣନାଦିକୁ ସର୍ବଦା ପ୍ରାଧାନ୍ୟ ଦେଉଥିଲେ । ହୁଜୁର ଅନ୍‌ୱର ଅ.ବ କହିଲେ ଏହିଭଳି ବିଶେଷତା ପ୍ରତ୍ୟକ ଅମୀରଙ୍କ ମଧ୍ୟ ରହିବା ଉଚିତ। ଯେତେବେଳେ ଆପଣ କ୍ରୋଧିତ ଏବଂ କ୍ଷୁବ୍ଧ ହୋଇଯାଉଥିଲେ ସେତେବେଳେ ଆପଣ କ୍ରୋଧାନ୍ଧ ହୋଇ ଯାହା ପାଟିକୁ ଆସିଲା ତାହା କହି ଦେଉଥିଲେ ତାହା ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନ ଓ ମର୍ଯ୍ୟାଦା ପ୍ରତି ସଚେତନ ଥିଲେ । ଯେତେବେଳେ କୌଣସି ବ୍ୟକ୍ତିକୁ ଦଣ୍ଡ ଦେଉଥିଲେ ସେତେବେଳେ ସଂଶୋଧନ ପକ୍ଷକୁ ସର୍ବଦାନିଜ ଦୃଷ୍ଟି ସମ୍ମୁଖରେ ରଖୁଥିଲେ । ସ୍ୱର୍ଗତଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା କି ବିଦ୍ୱେଷାଭାବ ନଥିଲା । ବରଂ କେବଳ ସଂଶୋଧନର ଉଦ୍ଦେଶ୍ୟ ହିଁ ରହୁଥିଲା । ପୁନଶ୍ଚ କୁହନ୍ତି ଯେ, ଏଠାକାର ଅନେକ ଅହେମଦିମାନେ ନିଜର ଜମାଅତୀୟ କିମ୍ବା ବ୍ୟକ୍ତିଗତ କାର୍ଯ୍ୟରେ ଆପଣଙ୍କ ଠାରୁ ମାର୍ଗଦର୍ଶନ ଲୋଡୁଥିଲେ । ସ୍ୱର୍ଗତ ଅବଦୁଲ୍ ବାସିତ୍ ସାହେବ ଅସାଧାରଣ ଅକ୍ଳାନ୍ତ ପରିଶ୍ରମ, ଅଧ୍ୟବସାୟ ଏବଂ ପ୍ରେମର ସହିତ ଇଣ୍ଡୋନେସିଆ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଯତ୍ନ ନେଉଥିଲେ । ଦୀର୍ଘ ଏକ ବର୍ଷ ଧରି ସେ ଅସୁସ୍ଥ ରହି ଆସୁଥିଲେ । ବିଭିନ୍ନ ମିଟିଂ ଏବଂ ଯୋଗାଯୋଗ ଓ ଗସ୍ତରେ ଜମାଅତ୍‌ର ସେବା ସମ୍ପାଦନ କରୁଥିଲେ, ତହିଁରେ ସେ କୌଣସି ଅବହେଳା ପ୍ରଦର୍ଶନ କରି ନଥିଲେ । ମେହମୁଦ ୱର୍ଦ୍ଦି ଯେକି ଏଠାରେ ଅର୍ଥାତ ଲଣ୍ଡନ୍‌ରେ ଇଣ୍ଡୋନେସିଆନ୍ ଡେସ୍କରେ କାର୍ଯ୍ୟରତ କର୍ମୀ ଅଟନ୍ତି ସେ କୁହନ୍ତି, ସ୍ୱର୍ଗତ ବାସିତ୍ ସାହେବ ଜଣେ ଉଚ୍ଚ ସ୍ୱଭାବ ସମ୍ପନ୍ନ ବ୍ୟକ୍ତି ଥିଲେ । ଯହିଁରୁ ତାଙ୍କର ଜ୍ଞାନରୂପକ ସାଗର ସ୍ୱଷ୍ଟ ଜାଜ୍ୱଲ୍ୟମାନ ହେଥିଲା । ସେ ଜଣେ ବିଦ୍ୱାନ ବ୍ୟକ୍ତି ଏବଂ ଦରଦୀ ବନ୍ଧୁ ଥିଲେ । ସର୍ବଦା ଜ୍ଞାନ ଆହରଣ କରିବା ପ୍ରତି ତାଙ୍କର ଅଭିରୁଚି ରହୁଥିଲା । ବିଭିନ୍ନ ପ୍ରସଙ୍ଗ ସଂପର୍କରେ ତାଙ୍କର ବ୍ୟାପକ ତଥା ଗଭୀର ଜ୍ଞାନ ରହିଥିଲା । ଯେଉଁ ବିଷୟ ଉପରେ କୌଣସି ବାର୍ତ୍ତାଳାପ ହେଉଥିଲା ତାହା ଏଭଳି ଅନୁମେୟ ହେଉଥିଲେ ଯେ, ମହୋଦୟଙ୍କୁ ଏହି ଜ୍ଞାନର ପୂର୍ଣ୍ଣ ଅଭିଜ୍ଞତା ରହିଛି । ଜମାଅତୀୟ ପୁସ୍ତକ ସମ୍ବଳିତ କିମ୍ବା ଜମାଅତୀୟ ଆଧାରିତ ଜ୍ଞାନ ବ୍ୟତୀତ ଅନ୍ୟ ସମସ୍ତ ସାଧାରଣ ଜ୍ଞାନ ଉପରେ ମଧ୍ୟ ତାଙ୍କର ଗଭୀର ଦଖଲ ରହିଥିଲା । ନିୟମିତ ଭାବରେ ସେ ଦୈନିକ ଖବର କାଗଜ ଓ ପତ୍ରିକା ଆଦିର ଅଧ୍ୟୟନ କୁରଥିଲେ । ସେହିପରି ସେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ଖବର ମଧ୍ୟ ପଢୁଥିଲେ ସେ ପଛେ ଇଣ୍ଡୋନେସୀୟ ଭାଷାରେ ହେଉ ଅବା ଇଂରାଜୀ ଭାଷାରେ ହେଉ । ଭାଷଣ ଦେବା ସମୟରେ ସେ ଦୀର୍ଘ ଭାଷଣ କରୁ ନଥିଲେ ବରଂ ସର୍ବଦା ସେ ସଂକ୍ଷିପ୍ତ ଏବଂ ସାରଗର୍ଭକ ଭାଷଣ ଦେଇ ଲୋକମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲେ ଏବଂ ସେହିପରି ସେ ସର୍ବଦା ସରଳ ଭାଷା ପ୍ରୟୋଗ କରି ଲୋକମାନଙ୍କୁ ନିଜର କଥା ବୁଝାଇ ଦେଉଥିଲେ । ପ୍ରତ୍ୟେକ ଶ୍ରେଣୀର ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ତାଙ୍କ ଦ୍ୱାରା କୁହାଯାଇଥିବା କଥାକୁ ବୁଝିପାରୁଥିଲେ । ତାଙ୍କର ଦୈନନ୍ଦିନ ଜୀବନର ପୋଷାକ ଅତ୍ୟନ୍ତ ସରଳ ଥିଲା । କିନ୍ତୁ ସେ ଜଣେ ସଭ୍ୟ ତଥା ଶିଷ୍ଟ ବ୍ୟକ୍ତି ଥିଲେ । କୌଣସି ପ୍ରକାରର କୃତ୍ରିମତାମୂକ ଓ ଲୋକ ଦେଖାଣିଆ କାର୍ଯ୍ୟ ଆଦୌ ପ୍ରଦର୍ଶନ କିମ୍ବା ସମ୍ପାଦନ କରୁ ନଥିଲେ । ପ୍ରତ୍ୟେକ ବର୍ଗ ବା ଶ୍ରେଣୀର ଲୋକମାନେ ତାଙ୍କ ସହିତ ବସି ନିର୍ଭୀକ ଭାବରେ କଥାବାର୍ତ୍ତା ହେଉଥିଲେ । କିନ୍ତୁ ସର୍ବଦା ସମସ୍ତେ ତାଙ୍କୁ ସମ୍ମାନ ଜଣାଉଥିଲେ ଏବଂ ତାଙ୍କ ପ୍ରତି ସମ୍ମାନ ମଧ୍ୟ ପ୍ରଦର୍ଶନ କରି କଥାବାର୍ତ୍ତା କରୁଥିଲେ।

ଫଜ୍‌ଲ ଉମର୍ ଫାରୁକ୍ ସାହେବ ନାମ ଜଣେ ମୁବଲ୍ଲିଗ୍ ସିଲସିଲା ଓ ଯାମିୟା ଅହେମଦିୟାର ଅଧ୍ୟାପକ ଅଟନ୍ତି ସେ କୁହନ୍ତି ଯେ, ମୁଁ ପିଲାଟି ଦିନରୁ ହିଁ ସ୍ୱର୍ଗତ ଅମୀର୍ ସାହେବଙ୍କ ପାଖରେ ରହିଥିଲି । ଯେତେବେଳେ ଜମାଅତ୍ ଅହମଦିୟା ଅତ୍ୟନ୍ତ ବିଷମ ଓ କଠିନ ପରିସ୍ଥିତି ଦେଇ ଗତି କରୁଥିଲା ସେତେବେଳେ ଆପଣ (ସ୍ୱର୍ଗତ ବାସିତ୍ ସାହେବ) ପରିଶ୍ରମ, ଧୈର୍ଯ୍ୟ ଓ ସାହସର ସହିତ ସମସ୍ତ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉତ୍ସାହିତ କରୁଥିଲେ । ସେମାନଙ୍କୁ ଧୈର୍ଯ୍ୟ ଏବଂ ପ୍ରାର୍ଥନା କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ଯେତେବେଳେ କୌଣସି ମୁବଲ୍ଲିଗ୍ କର୍ମଭୂମିକୁ ଯିବାକୁ ଲାଗୁଥିଲେ ସେତେବେଳେ ସେ ସେମାନଙ୍କୁ ନିଜ ତରଫରୁ କିଛି ନା କିଛି ଉପହାର ଅବଶ୍ୟ ଦେଉଥିଲେ ।

ପୁନଶ୍ଚ ଆଉ ଜଣେ ଯାମିୟ ଅହେମଦିୟାର ଅଧ୍ୟାପକ ଯାହାଙ୍କ ନାମ ହେଲା ସୈଫୁଲ୍ଲାଃ ମୁବାରକ୍ ସାହେବ, ସେ କହନ୍ତି ଯେ, ମୌଲାନା ଅବ୍‌ଦୁଲ୍ ବାସିତ୍ ସାହେବ ୱାକ୍‌ଫିନେ ଜିନ୍ଦିଗ (ଉତ୍ସର୍ଗୀକୃତ ଜୀବନ)ଙ୍କ ପାଇଁ ଜଣେ ସର୍ବୋଚ୍ଚ ଆଦର୍ଶ ଥିଲେ । ଜମାଅତ୍‌ର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସେ ସାମିଲ୍ ହେଉଥିଲେ। ପ୍ରତ୍ୟେକଙ୍କ ସହିତ ବିନମ୍ରତା ଏବଂ ଶିଷ୍ଟତା, ସୌଜନ୍ୟମୂଳକ ଆଚରଣ ତଥା ଭଦ୍ରତାର ସହିତ ବାର୍ତ୍ତାଳାପ କରୁଥିଲେ । ଯେକୌଣସି ସଭାକୁ ଯେତେବେଳେ ସେ ଯାଉଥିଲେ ସେତେବେଳେ ସେହି ସଭାଟି ମୁଖରିତ ହୋଇଯାଉଥିଲା । ସେ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ସୈଫୁଲ୍ଲାଃ ସାହେବ କୁହନ୍ତି ଯେ, ମୁଁ ଯେତେବେଳେ ଯାମିୟା ଅହେମଦିୟା ଇଣ୍ଡୋନେସିଆରେ ଅଧ୍ୟୟନରତ ଥିଲି ସେତେବେଳେ ମଗ୍‌ରିବ୍ ପରେ ସେ ଆମ ସହିତ ବସୁଥିଲେ ଏବଂ ଆମର ହାଲଚାଲ ପଚାରି ବୁଝୁଥିଲେ ଏବଂ ଆମେମାନେ ତାଙ୍କ ସହିତ ବହୁତ ହାଲ୍‌କା ଫୁଲକା କଥା ଅର୍ଥାତ ଖଟି ହେଉଥିଲୁ ।

ପୁନଶ୍ଚ ନୁରୁଦ୍ଦୀନ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ବାସିତ୍ ସାହେବ ଏଭଳି ଜଣେ ଅମୀର୍ ଥିଲେ ଯିଏ ନିଜର ଏକ ନମୁନା ଓ ଆଦର୍ଶ ଲୋକମାନଙ୍କ ଆଗରେ ଉପସ୍ଥାପିତ କରିଥିଲେ । ସ୍ୱର୍ଗତ ବାସିତ୍ ସାହେବ ୨୦୧୮ ମସିହାରେ ଆମ ମସ୍‌ଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତେବେଳେ ଆମ ନିକଟରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଥିଲା । ବର୍ତ୍ତମାନ ଇଣ୍ଡୋନେସୀୟ ମୁଦ୍ରାର ମୂଲ୍ୟ ଖୁବ୍ କମ୍ ରହିଛି । ତେବେ ସେଠାରେ ଲୋକମାନେ କୋଟିଏ ଏବଂ ବାଲାନ୍‌ସ୍ କଥାବାର୍ତ୍ତା ହୁଅନ୍ତି । ସେ କହନ୍ତି ଆମ ନିକଟରେ ତ' ମାତ୍ର ୬ କୋଟି ଟଙ୍କା ରହିଥିଲା କିନ୍ତୁ ମସ୍‌ଜିଦ୍ ପାଇଁ ଯେତିକି ପରିମାଣର ଅର୍ଥ ଆବଶ୍ୟକ ଥିଲା ତାହା ଥିଲା ଦେଢ ଆରବ କୋଟି ଟଙ୍କା । ମହୋଦୟ କହିଲେ ମସ୍‌ଜିଦ୍‌ର ନିର୍ମାଣ କରିବା ପାଇଁ ଯେତିକି ବଜେଟ୍ ଉପଲବ୍ଧ ହେଉଥିଲା, ସେତିକି ଅର୍ଥର ସେ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିଲେ। କିନ୍ତୁ ଏହାପରେ ଆମେମାନେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ଅବଲୋକନ କରିବୁ । ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ଯଦି ଦେଢ ଆରବ ଅର୍ଥର ଆବଶ୍ୟକତା ରହିଛି ଏବଂ ତୁମ ପାଖରେ ମାତ୍ର ୬ କୋଟି ଟଙ୍କା ରହିଛି । ତେଣୁ କାମ ଆରମ୍ଭ କରିଦିଅ। ଅର୍ଥାତ ୧/୧୦ ଅର୍ଥ ମଧ୍ୟ ନଥିଲା । ସ୍ୱର୍ଗତ ମହୋଦୟ ଏହି ଉପଦେଶ ଦେବା ପରେ ତିନି କିମ୍ବା ଚାରି ପ୍ରତିଶତ ଅର୍ଥ ନିଜ ପର୍ସରୁ କାଢି ଆମକୁ ମସ୍‌ଜିଦ୍ ପାଇଁ କିଛି ଅର୍ଥ ପ୍ରଦାନ କଲେ । ଏହାକୁ ଦେଖି ଜମାଅତ୍‌ର ଅନ୍ୟ ସଦସ୍ୟବୃନ୍ଦଙ୍କ ମନରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହୋଇ ଉତ୍ତମ ବଳିଦାନ ଉପସ୍ଥାପିତ କରିବାକୁ ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ଦୁଇ ବର୍ଷ ଭିତରେ ହିଁ ମସ୍‌ଜିଦର ନିର୍ମାଣ କାର୍ଯ୍ୟ ୮୦% ଶେଷ ହୋଇଗଲା । ଏହାପରେ ମହାମାରୀର ଯୁଗ ଆସିଗଲା ଏବଂ ଲୋକମାନଙ୍କର ଆୟ କମିଗଲା ଓ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ବ୍ୟାହତ ହେଲା। ପୁନଶ୍ଚ ଆମେମାନେ ଅମୀର ସାହେବଙ୍କ ନିକଟକୁ ଗଲୁ ଏବଂ କହିଲୁ, ଅମୀର ସାହେବ ! ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚାହୁଁଛୁ କିନ୍ତୁ ସେହି ନିର୍ମାଣ କାର୍ଯ୍ୟ ସକାଶେ ପ୍ରାୟ ୧୫ କୋଟି ଟଙ୍କାର ଆବଶ୍ୟକତା ରହିଛି । ଆମେ ଏହା ଆଶା ରଖିଥିଲୁ ଯେ, ମର୍କଜ୍ ଆମକୁ ଦେଢଶହ ମିଲିୟନ୍ ଅର୍ଥ ସାହାଯ୍ୟ କରିବ। କିନ୍ତୁ ଅମୀର ସାହେବ କହିଲେ ମର୍କଜ୍ ସାହାଯ୍ୟ କରିବ ନାହିଁ । ଆପଣମାନେ କୌଣସି ବ୍ୟକ୍ତିକୁ ମାଗି ନିଜର ଏହି ଆବଶ୍ୟକ ଅର୍ଥ ପୂର୍ଣ୍ଣ କରିପାରିବେ । ସେ ପଚାରିଲେ ଯେ, ଆମ ଅହେମଦିଙ୍କ ସଂଖ୍ୟା କେତେ ? ମୁଁ କହିଲି ୧୬୦ ଜଣ ଅହେମଦି ଅଛନ୍ତି । ଏହାଶୁଣି ମହୋଦୟ ଧୈର୍ଯ୍ୟର ସହିତ ସ୍ମିତେହାସ୍ୟ ପ୍ରକାଶ କରି କହିଲେ ଯେ, ଆପଣ ପ୍ରତ୍ୟେକ ବ୍ୟକ୍ତିକୁ ଯାଇ କୁହନ୍ତୁ ଯେ, ସେମାନେ

୧୦ ମିଲିୟନ୍ ଟଙ୍କା ଯାହାକି ହାରହାରି ୧୦୦ ପାଉଣ୍ଡ ହେବ ଦେଇ ଦିଅନ୍ତୁ । ତାହାହେଲେ ଯାଇ ଏହି ଅର୍ଥ ପୂରଣ ହୋଇପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଆମମାନଙ୍କୁ ବିଶ୍ୱାସ ନଥିଲା ଯେ, ଏହି କାର୍ଯ୍ୟ ଏତ ସହଜରେ ହୋଇପାରିବ । କିନ୍ତୁ ଯେତେବେଳେ ଆମେମାନେ ଉପଦେଶାବଳୀକୁ ପାଳନ କରିବା ଆରମ୍ଭ କରିଦେଲୁ ସେତେବେଳେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମନରେ ଏକ ପ୍ରେମ, ଉତ୍ସାହ ଉଦ୍ଦୀପନା ସୃଷ୍ଟି ହୋଇଗଲା ଯେ, ସେମାନେ ନିଜର ସର୍ବୋତ୍କୃଷ୍ଟ ଧନକୁ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରି ଦିଅନ୍ତୁ । ଏତଦ୍‌ବ୍ୟତୀତ ମହୋଦୟ ନିଜ ପକ୍ଷରୁ ବିପୁଳ ଅର୍ଥ ଉପସ୍ଥାପିତ କଲେ। ସୁତରାଂ ତିନି ବର୍ଷ ମଧ୍ୟରେ ଫେବୃୟାରୀ ଚଳିତ ବର୍ଷ ମାସରେ ହିଁ ମସ୍‌ଜିଦ୍‌ଟି ସଂପୂର୍ଣ୍ଣ ରୂପେ ନିର୍ମିତ ହୋଇଗଲା ।

ସ୍ୱର୍ଗତ ବାସିତ୍ ସାହେବଙ୍କ କେବଳ ଆତ୍ମୀୟ ସ୍ୱଜନଙ୍କ ସହତି ସଂପର୍କ ଥିଲା ତାହା ନୁହେଁ ବରଂ ପର ଲୋକମାନଙ୍କ ସହିତ ମଧ୍ୟ ସଂପର୍କ ଥିଲା । ଲୁକ୍‌ମାନ ହକିମ୍ ସୈଫୁଦ୍ଦୀନ୍ ସାହେବ ପୂର୍ବତନ ବହିର୍ଧାର୍ମିକ ପ୍ରସଙ୍ଗରେ କୁହନ୍ତି (ଏହି ବ୍ୟକ୍ତି ଅହେମଦି ନାହାନ୍ତି) ଯେ, ମୁଁ ସ୍ୱର୍ଗତ ବାସିତ୍ ସାହେବଙ୍କ ଜଣେ ଜାତୀୟ ସ୍ତରର ବ୍ୟକ୍ତିବିଶେଷ ରୂପେ ମନେକରୁଛି । କାରଣ ସେ ସର୍ବଦା ମାନବତାକୁ ପ୍ରାଧାନ୍ୟ ଦେଉଥିଲେ । ସ୍ୱର୍ଗତ ବାସିତ୍ ସାହେବ ଯେତେବେଳେ ବି ଯୁଆଡ଼େ ଯାଉଥିଲେ ସେତେବେଳେ ସର୍ବଦା ଏହି କଥା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ଯେ, ଆମେମାନେ କିଭଳି ମାନବତା ପ୍ରତି ସମ୍ମାନ ପ୍ରଦର୍ଶନ କରିବୁ, ପାରସ୍ପାରିକ ସୌହାର୍ଦ୍ଦ୍ୟ ତଥା ସହିଷ୍ଣୁତା ଭାବ ବ୍ୟକ୍ତ ତଥା ରକ୍ଷା କରିବୁ ଏବଂ ପ୍ରତ୍ୟେକ ବ୍ୟକ୍ତିର ଯତ୍ନ ନେଇ ପାରିବୁ । ମୋ ନିକଟରେ ଏହି ସମସ୍ତ କଥାକୁ ପାଳନ କରିବା ଆମମାନଙ୍କର ପରମ ଦାୟିତ୍ୱ ଅଟେ । କେବଳ ଅହେମଦିମାନଙ୍କ ପାଇଁ ନୁହଁ ବରଂ ଇଣ୍ଡୋନେସିଆର ସମସ୍ତ ଲୋକମାନଙ୍କର ଏହି ଦାୟିତ୍ୱ ଯେ, ସେମାନଙ୍କୁ ସ୍ୱର୍ଗତ ବାସିତ୍ ସାହେବଙ୍କ ପଦାଙ୍କ ଅନୁସରଣ କରିବା ଉଚିତ ଏବଂ ସେ ଆମମମାନଙ୍କୁ ଯାହାକିଛି ଉପଦେଶ ଦେଇ ଯାଇଛନ୍ତି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ମଧ୍ୟ କରିବା ଉଚିତ । ଆମମାନଙ୍କ ମଧ୍ୟରେ ଯେଉଁସବୁ ବିଭେଦତା, ପାର୍ଥ୍ୟକତା, ମତାନୈ୍ୟକତା ଏବଂ ବିଚ୍ଛିନ୍ନତା ରହିଛି ଯାହାକି ପାରସ୍ପାରିକ ଘୃଣା, ବିଦ୍ୱେଷାଭାବ ଓ ମାନବର ସମ୍ମାନକୁ ହାନୀ ପହଞ୍ଚାଇବାର ସହାୟକ ହୋଇଥାଏ ତାହାକୁ ଦୂରୀଭୂତ କରିବା ଉଚିତ ।

ଇଣ୍ଡୋନେସିଆରେ ଟ୍ୟୁନିସ୍‌ର ରାଜଦୂତ ଜୁହୈରୀ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ଅମୀର ସାହେବଙ୍କ ଠାରୁ ଏହି କଥା ଶିକ୍ଷା କଲି ଯେ, କିଭଳି ଆମେମାନେ ରସୁଲୁଲ୍ଲାଃ ସ.ଅ ଏବଂ ଆପଣଙ୍କ ବଂଶଜ ଏବଂ ବିଦ୍ୱାମାନଙ୍କୁ ଭଲ ପାଇବା ଉଚିତ ଏବଂ ଉଚ୍ଚ ଶିକ୍ଷା ଉପରେ କିପରି ପରିଚାଳିତ ହୋଇ କାର୍ଯ୍ୟାନୁସରଣ ହେବୁ ? ଯଦିଓ ଇଣ୍ଡୋନେସିଆର ଅହେମଦିମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଗଲା ଏବଂ ସେମାନଙ୍କୁ ଗାଳି ଗୁଲଚ ମଧ୍ୟ କରାଗଲା । କିନ୍ତୁ ସ୍ୱର୍ଗତ ବାସିତ୍ ସାହେବ ଅତ୍ୟନ୍ତ ସାହସିକତାର ସହିତ ସେହି ସମୟକୁ ଅତିବାହିତ କରିଥିଲେ ଏବଂ ସେଠାରେ ଅହେମଦିମାନଙ୍କୁ ଉତ୍ତମ ଢଙ୍ଗରେ ସମ୍ଭାଳିଥିଲେ । ସେ ଯାହା ହେଉ ନା କାହିଁକି ହେରୀ ସାହେବ ଉଲ୍ଲେଖ କରନ୍ତି ଯେ, ଯଦିଓ ଅହେମଦିମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଗଲା, ଅନ୍ୟାୟ ହେଲା ତଥାପି ସ୍ୱର୍ଗତ ଅମୀର ସାହେବ ଆମମାନଙ୍କୁ ଏହି ଶିକ୍ଷା ଦେଲେ ଯେ, କୌଣସି ପରିସ୍ଥିତିରେ ବି ନିଷ୍ଠା ଏବଂ ବିଶ୍ୱସ୍ତତାର ସହିତ ଧର୍ମ, ଦେଶ ଓ ମାନବତାର ସେବା କରିବା ଉଚିତ । କାରଣ ସମଗ୍ର ପୃଥିବୀରେ ବାସ କରୁଥିବା ଅହେମଦିମାନଙ୍କର ଏହି ବିଶ୍ୱାସ ରହିଛି ଯେ, **"Love for All Hatred for None."** ଅର୍ଥାତ ପ୍ରେମ ସଭିଙ୍କ ପାଇଁ ଏବଂ ଘୃଣା କାହାରିକୁ ନୁହେଁ । ମୁଁ ଏହି ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଅମୀର ସାହେବ ଅଲ୍ଲାଃତାଲାଙ୍କର ପ୍ରିୟ ବିଦ୍ୱାନ, ସରଳ ସ୍ୱଭାବ ଏବଂ ଜଣେ ଉତ୍ତମ ଚରିତ୍ରବତ୍ତା ବ୍ୟକ୍ତି ଥିଲେ ।

ପୁନଶ୍ଚ ଆନ୍ତର୍ଜାତିକ ସ୍ତରରେ ଜନୈକା ମହିଳା ଓ ମାର୍ଗଦର୍ଶିକା ଯାହାଙ୍କ ନାମ ହେଲା ନିୟା **(Nia)** ଶରୀଫୁଦ୍ଦୀନ୍ ସାହେବା, ସେ କୁହନ୍ତି ଯେ, ଅମୀର ସାହେବଙ୍କ କଥା କହିବାର ଶୈଳୀ ଅତ୍ୟନ୍ତ ନିଆରା ଯାହାକି ସମସ୍ତଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଯଦିଓ ସେ ବିନମ୍ରତା ଏବଂ ଶିଷ୍ଟ ତଥା ସଭ୍ୟ ହୋଇ କଥାବାର୍ତ୍ତା କରୁଥିଲେ କିନ୍ତୁ ତଥାପି ତହିଁରେ ଦେଶପ୍ରେମର ଆବେଗ ସ୍ପଷ୍ଟ ରୂପେ ତାଙ୍କ ଠାରେ ଦୃଶ୍ୟମାନ ହେଉଥିଲା । ଅର୍ଥାତ ତାଙ୍କ କଥାରୁ ହିଁ **"Love for All Hatred for None."** "ଅର୍ଥାତ ପ୍ରେମ ସଭିଙ୍କ ପାଇଁ ଏବଂ ଘୃଣା କାହାରିକୁ ନୁହେଁ" ପରି ପ୍ରକାଶିତ ହେଉଅଛି । ଆମେମାନେ ସାକ୍ଷ୍ୟ ଦେଉଅଛୁ ଯେ, ସ୍ୱର୍ଗତ ବାସିତ୍ ସାହେବ ଜଣେ ଉତ୍ତମ ବ୍ୟକ୍ତି ଥିଲେ ଏବଂ ଏଭଳି ଜଣେ ନେତା ଥିଲେ ଯେକି ସର୍ବଦା ବିଶ୍ୱାସ ଏବଂ ପ୍ରତ୍ୟେକଙ୍କ ପ୍ରତି ପ୍ରେମସ ଉତ୍ସାହ ଓ ଆଗ୍ରହର ସହିତ କଥାବାର୍ତ୍ତା ହେଉଥିଲେ ।

ପୁନଶ୍ଚ ମେରାଜୁଦ୍ଦୀନ୍ ଶାହିଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ଅମୀର ହିସାବରେ ତାହା ଅର୍ଥାତ ସ୍ୱର୍ଗ ବାସିତ ସାହେବଙ୍କ ନେତୃତ୍ୱରେ ଜମାଅତ୍‌କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଇଣ୍ଡୋନେସିଆର ଅନେକ ସ୍ଥାନରେ ଅହେମଦିମାନଙ୍କ ଉପରକୁ ଅତର୍କିତ ଆକ୍ରମଣ ହୋଇଥିଲା। ସେହି ସମସ୍ତ ବିରୋଧ ଓ ଆକ୍ରମଣକୁ ସେ ଅତ୍ୟନ୍ତ ସାହସିକତାର ସହିତ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ସମ୍ମୁଖୀନ ହୋଇଥିଲେ ଓ ପ୍ରତିହତ ମଧ୍ୟ କରିଥିଲେ । ସରକାରୀ ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ତାଙ୍କୁ ସମ୍ମାନ ଜଣାଉଥିଲେ ଏବଂ ସେମାନଙ୍କ ସହିତ ସ୍ୱର୍ଗତ ବାସିତ୍ ସାହେବଙ୍କ ସୁସଂପର୍କ ଓ ଯୋଗାଯୋଗ ମଧ୍ୟ ରହିଥିଲା ।

ଯାମିଆ ଅହେମଦିୟା ଇଣ୍ଡୋନେସିଆର ଅଧ୍ୟକ୍ଷ ମହୋଦୟ ଓସୋମ୍ ସାହେବ ଉଲ୍ଲେଖ କରନ୍ତି ଯେ, ଅମୀର୍ ସାହେବ ଖିଲାଫତ୍ ପାଇଁ ପାଗଳ ପ୍ରେମୀ ଥିଲେ । ଜଣେ ପଡ଼ୋଶୀ ହେବା ଦୃଷ୍ଟିରୁ ଅନେକ ସମୟରେ ସେ ମୋ ସହିତ ନମାଜ ପାଠ କରିବା ପାଇଁ ମସଜିଦ୍ ଯାଉଥିଲେ । ସେ ଯେତେବେଳେ କୌଣସି ଜମାଅତ୍‌ର ଗସ୍ତରେ ଯାଉଥିଲେ ସେତେବେଳେ ସେ ଅବଶ୍ୟ ମୋତେ ଏହା ଜଣାଉଥିଲେ ଯେ, ମୁଁ ଅମକ ଜମାଅତ୍‌ର ଗସ୍ତରେ ଯାଉଛି ଏବଂ ମୋତେ ମଧ୍ୟ ଅନୁପ୍ରାଣିତ କରି କହୁଥିଲେ ଯେ, ତୁମେ ବି ଜମାଅତ୍‌କୁ ଗସ୍ତରେ ଯାଅ। ସ୍ୱର୍ଗତ ବାସିତ୍ ସାହେବ ଯାମିୟା ଅହେମଦିୟାର ବହୁତ ଯତ୍ନ ନେଉଥିଲେ ଏବଂ ଚିନ୍ତିତ ରହୁଥିଲେ। ଯାମିଆ ଅହେମଦିୟା ବୋର୍ଡ଼ର ସଦସ୍ୟ ଦୃଷ୍ଟିରୁ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ ନେଉଥିଲେ ଏବଂ ଇଣ୍ଟରଭ୍ୟୁ ନେବା ସମୟରେ ସର୍ବଦା ଏହା କହୁଥିଲେ ଯେ, ଆପଣମାନେ ଜଣେ ଜଣେ ମୁବଲ୍ଲିଗ୍ ଅଟନ୍ତି, ତେଣୁ ଆପଣମାନଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ହେବା ପାଇଁ ଉଦ୍ୟମ କରିବା ଉଚିତ । ଓସୋମ୍ ସାହେବ କୁହନ୍ତି, ମୋତେ ମଧ୍ୟ ସେ ଏହି ନର୍ଦ୍ଦେଶ ଦେଉଥିଲେ ଏବଂ ପ୍ରତ୍ୟେକଙ୍କ ସଂପର୍କରେ ବ୍ୟକ୍ତିଗତ ରୂପେ ମଧ୍ୟ ଏହା କହୁଥିଲେ ଯେ, ଅମକ ବିଦ୍ୟାର୍ଥୀଙ୍କ ଠାରେ ଏହି ଦୁର୍ବଳତା ରହିଛି ଏହାକୁ ସୁଧାରିବା ପାଇଁ ଚେଷ୍ଟା କରନ୍ତୁ। ସେହି ଦୃଷ୍ଟିରୁ ବିଚାର କଲେ ସ୍ୱର୍ଗତ ମହୋଦୟ ବାସିତ୍ ସାହେବଙ୍କୁ ଯାମିୟା ଅହେମଦିୟାଙ୍କ ବିଦ୍ୟାର୍ଥୀମାନଙ୍କ ପ୍ରତି ଏବଂ ଅଭିରୁଚି ରହିଥିଲା ।

ଆମେରିକାର ମୁବଲ୍ଲିଗ୍ ସିଲ୍‌ସିଲା ଇର୍ଶାଦ୍ ମୁଲ୍‌ହୀ ସାହେବ କୁହନ୍ତି ଯେ, ମୁଁ ଯାମିୟା ଅହେମଦିୟାରେ ବାସିତ୍ ସାହେବଙ୍କର ସହପାଠୀ ଏବଂ ରୁମ୍‌ମେଟ୍ (ଛାତ୍ରାବାସ ସଖା) ମଧ୍ୟ ଥିଲି । ତେଣୁ ଅତି ନକଟରୁ ତାଙ୍କୁ ଦେଖିବାକୁ ମୋତେ ସୁଯୋଗ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତ ବାସିତ୍ ସାହେବ ଅତ୍ୟନ୍ତ ବୁଦ୍ଧିମାନ, ଚତୁର୍ ଚଞ୍ଚଳ, ଅଭିଜ୍ଞ, ଗୁଣୀ, ମେଳାପୀ ସ୍ୱଭାବ, ସ୍ମିତହାସ୍ୟ ସ୍ୱଭାବ ଭଳି ଅସଂଖ୍ୟ ଗୁଣ ଓ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସ୍ୱର୍ଗତ ମହୋଦୟ ବ୍ୟାଡ଼ମିଣ୍ଟନ୍‌ର ଜଣେ ଭଲ ଖେଳାଳୀ ଥିଲେ । ସେ ରବ୍‌ୱା ଆୟୋଜିତ ପ୍ରତିଯୋଗୀତାରେ ଭାଗ ନେଇ ସର୍ବଦା ବିଜୟୀ ହେଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ ମୁଲ୍‌ହୀ ସାହେବ ମୋତେ କହିଲେ ଯେ, ସେ ଯେତେବେଳେ ଇଣ୍ଡୋନେସିଆରୁ ରବ୍‌ୱା ଯାମିୟା ପାଇଁ ଆସିବାକୁ ଥିଲେ ସେତେବେଳେ ସେହି ଦିନମାନଙ୍କରେ ତାଙ୍କୁ ଏକ କମ୍ପାନୀ ପକ୍ଷରୁ ଜଣେ ଖେଳାଳୀ ରୂପେ ବହୁତ ବଡ଼ ଅଫର ମିଳିଥିଲା । ଫଳତଃ ତାଙ୍କର ପିତାଶ୍ରୀ ସ୍ୱର୍ଗତ ମୌଲାନା ଅବ୍‌ଦୁଲ ୱାହିଦ୍ ସାହେବ ଚିନ୍ତିତ ହେଲେ ଯେ, କାଳେ ଅବ୍‌ଦୁଲ୍ ବାସିତ୍ ସାହେବ ଏହି ବଡ଼ ଅଫର ଲୋଭରେ ଯାମିୟା ଅହେମଦି ଭଳି ଶିକ୍ଷାନୁଷ୍ଠାନ ଯିବାର ଯେଉଁ ଅଭିଳାଷା ରଖିଛନ୍ତି ତାହା ପରିବର୍ତ୍ତନ କରି ନଦିଅନ୍ତୁ। ସ୍ୱର୍ଗତ ବାସିତ୍ ସାହେବ ପିତାଶ୍ରୀଙ୍କର ଏହି ଚିନ୍ତିତ ଅବସ୍ଥାକୁ ଯେତେବେଳେ ଦେଖିଲେ ସେତେବେଳେ ନିଜର ପିତାଶ୍ରୀଙ୍କୁ ଆଶ୍ୱାସନା ଦେଲେ ଏବଂ ଏହି ପ୍ରତିଜ୍ଞା କରି କହିଲେ, ହେ ପିତାଶ୍ରୀ ! ମୁଁ ଆପଣଙ୍କୁ ଏହି ପ୍ରତିଜ୍ଞା ଦେଉଛି ଯେ, ମୁଁ କେବେବି ସାଂସାରିକ ସ୍ୱାର୍ଥ ତଥା ଲାଭ ପାଇଁ ଧର୍ମକୁ ଜଳାଞ୍ଜଳୀ ଦେଇ ପାରିବି ନାହିଁ କି ଧର୍ମକୁ ଆଦୌ ପରିତ୍ୟାଗ କରିପାରିବି ନାହି । ଅତଃ ଏହିପରି ଭାବରେ ସେ ବହୁତ ବଡ଼ ଆର୍ଥିକ ଅଫରକୁ ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ସ୍ୱର୍ଗତ ମହୋଦୟଙ୍କ ସମଗ୍ର ଜୀବନ ଏହି କଥାର ସାକ୍ଷୀ ଯେ, ଆପଣ ସର୍ବଦା ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେଇଛନ୍ତି ଏବଂ ଏହି ଶପଥକୁ ସେ ଶେଷ ସମୟ ପର୍ଯ୍ୟନ୍ତ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ମହୋଦୟ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ, ଜଣେ ଜୀବନୋତ୍ସର୍ଗୀ ଅସ୍ତିତ୍ୱଟିଏ ଥିଲେ । ଛାତ୍ର ଜୀବନ କାଳରୁ ହିଁ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଅତି ନିକଟତର ଓ ଘନିଷ୍ଠ ଛାତ୍ରଟିଏ ହୋଇ ପାରିଥିଲେ । ଇର୍ଶାଦ୍ ମୁଲ୍‌ହୀ ସାହେବ କୁହନ୍ତି ଯେ, ଆମେମାନେ ତାଙ୍କୁ ବହୁତ ଚିଡ଼ୋଉଥିଲୁ । କାରଣ ଆପଣ (ବାସିତ୍ ସାହେବ) ଖଲିଫା ସାଲିସ୍ (ତୃତୀୟ)ଙ୍କର ଅତି ପ୍ରିୟ ଛାତ୍ର ଥିଲେ । ଏହିପରି ଭାବରେ ପ୍ରତ୍ୟେକ ଖିଲାଫତ୍ କାଳରେ ସେ ଅତ୍ୟନ୍ତ ନିଷ୍ଠା ଓ ବିଶ୍ୱସ୍ତତତାର ଉଦାହରଣ ପ୍ରଦର୍ଶନ କରିଥିଲେ। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କୁ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ଏବଂ ଖିଲାଫତ୍‌କୁ ତାଙ୍କ ଭଳି ପ୍ରକୃତ ନିଷ୍ଠାପର ସେବକ ସର୍ବଦା ପ୍ରଦାନ କରୁ ଥାଆନ୍ତୁ ।

ମୁଁ ମଧ୍ୟ ତାଙ୍କୁ ପୂର୍ଣ୍ଣ ଆଜ୍ଞା ପାଳନକାରୀ, ନିଃସ୍ୱାର୍ଥପର ବ୍ୟକ୍ତି ରୂପେ ଦେଖିଅଛି। ଅଲ୍ଲାଃତାଲା ସେହି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ଶୂନ୍ୟ ସ୍ଥାନକୁ ଯଥାଶୀଘ୍ର ପୂରଣ କରୁଥାଆନ୍ତୁ । ଇଣ୍ଡୋନେସିଆର ମୁବଲ୍ଲିଗ୍ ଏବଂ ମୁଅଲ୍ଲିମିନ୍‌ମାନଙ୍କୁ ତାହାଙ୍କ ଆଦର୍ଶ ଓ ନମୁନାକୁ ନିଜ ସମ୍ମୁଖରେ ରଖିବା ଉଚିତ । ବିଶେଷ ରୂପେ ଅନ୍ୟ ସମସ୍ତ ଦେଶମାନଙ୍କର ମୁବଲ୍ଲିଗିନ୍‌ମାନଙ୍କୁ ମଧ୍ୟ ସ୍ୱର୍ଗତଙ୍କର ଆଦର୍ଶକୁ ନିଜ ସମ୍ମୁଖରେ ରଖିବାର ଆବଶ୍ୟକତା ରହିଛି । ହୁଜୁର ଅନଓ୍ୱର୍ ଅ.ବ କହିଲେ ଏକଥା ପୁରୁଣା ନୁହେଁ ଯେ, ଆଜି କାଲିକା ଯୁଗରେ ଏହି ଲୋକମାନେ ହିଁ ଥିଲେ ଯେଉଁମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇଥିଲେ ଏବଂ ୱକ୍‌ଫ (ଉତ୍ସର୍ଗ)ର ପ୍ରକୃତ ମନୋଭାବକୁ ଚରିତାର୍ଥ କରିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କୁ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ । **ଆମିନ୍ ।**

**ଦ୍ୱିତୀୟ** ଯନାଜାଃ ହେଲା ସମ୍ମାନନୀୟା ସ୍ୱର୍ଗତା ଜୈନବ୍ ରମ୍‌ଜାନ୍ ସୈଫ୍ ସାହେବାଙ୍କର । ସ୍ୱର୍ଗତା ତାନ୍‌ଜାନିୟାର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ୟୁସୁଫ୍ ଉସ୍‌ମାନ୍ କାମ୍‌ବାଲା ସାହେବଙ୍କର ପତ୍ନୀ ଥିଲେ । ଯେକି ତାନ୍‌ଜାନିୟାର ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ ଏବଂ ବିଗତ ଦିନ ୭୦ ବର୍ଷ ବୟସରେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଥିଲା । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍।** ସ୍ୱର୍ଗତାଙ୍କ ସ୍ୱାମୀ ଉସ୍‌ମାନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଏହି ଅଧମର ପତ୍ନୀ ଅତ୍ୟନ୍ତ ପୁଣ୍ୟବାନ, ନୈଷ୍ଠିକା ଏବଂ ଜମାଅତ୍‌ର ପ୍ରତ୍ୟେକ କାର୍ଯ୍ୟରେ ସେ ଅଂଶ ଗ୍ରହଣ କରୁଥିଲେ। ନିଜର ପଡ଼ୋଶୀମାନଙ୍କ ସହିତ ସୁସଂପର୍କ ରଖିଥିଲେ । ଗରିବ ଏବଂ ଅନାଥ ପିଲାମାନଙ୍କର ଲାଳନ ପାଳନ କରୁଥିଲେ । ସ୍ୱର୍ଗତା ମୁବଲ୍ଲିଗ୍ ସାହେବଙ୍କୁ ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ତାଙ୍କର ବହୁତ ସେବାଯତ୍ନ କରୁଥିଲେ। ସ୍ୱର୍ଗତା ସର୍ବଦା ଚାନ୍ଦାରେ ଆଗ୍ରଣୀ ରହୁଥିଲେ। ଆମେମାନେ ଯେଉଁଠି ବି ରହିଲୁ ଜମାଅତୀୟ କାର୍ଯ୍ୟ କରିବା ପାଇଁ ସେ ସର୍ବଦା ନିମନ୍ତ୍ରିତ ଓ ତତ୍ପର ରହୁଥିଲେ । ସମସ୍ତ ଅହେମଦିମାନଙ୍କ ପ୍ରତି ସେ ବିଶେଷ ନିଷ୍ଠା ପ୍ରଦର୍ଶନ କରୁଥିଲେ । ସ୍ୱର୍ଗତା ଦୁଇ ଅଢେଇ ବର୍ଷ ଧରି କ୍ୟାନ୍‌ସର୍ (କର୍କଟ) ରୋଗରେ ପିଡ଼ୀତ ଥିଲେ । ଭଲ ଡାକ୍ତରମାନଙ୍କ ଦ୍ୱାରା ତାଙ୍କର ଚିକିତ୍ସା ମଧ୍ୟ କରାଯାଇଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ ବିଧାନ ବିଜୟୀ ହେଲା (ଅର୍ଥାତ ଭାଗ୍ୟର ଲେଖନ କେ କରିବ ଆନ) ଏବଂ ବିଗତ ଦିନ ତାଙ୍କର ମୃତ୍ୟୁବରଣ ଘଟିଲା । ଉସ୍‌ମାନ୍ ସାହେବ ଉଲ୍ଲେଖ କରନ୍ତି ଯେ, ଯନାଜାଃରେ ସାମିଲ ହେବା ପାଇଁ ଟପୋରା ଏବଂ ବିଭିନ୍ନ ଅଞ୍ଚଳରୁ ଏକ ହଜାର ପାଖାପାଖି (ସଂଖ୍ୟକ) ଲୋକମାନେ ଉପସ୍ଥିତ ରହିଥିଲେ ଯହିଁରେ ଅଣଅହେମଦି ବନ୍ଧୁ ବାନ୍ଧବ ମଧ୍ୟ ରିଥିଲେ । ସ୍ୱର୍ଗତା ଜୈନବ୍ ସାହେବାଙ୍କ ତିନି ଜଣ କନ୍ୟା ଏବଂ ତିନି ଜଣ ସୁପୁତ୍ର ଅଛନ୍ତି । ବର୍ତ୍ତମାନ ସେମାନେ ସମସ୍ତେ ବିବାହିତ ଓ ବିବାହିତା ଅଟନ୍ତି ।

**ତୃତୀୟ** ମୃତକା ହେଲେ ସମ୍ମାନନୀୟା ସ୍ୱର୍ଗତା ହଲିମା ବେଗମ୍ ସାହେବା। ସ୍ୱର୍ଗତା ଶେଖ୍ ଅବ୍‌ଦୁଲ୍ କାଦିର୍ ସାହେବ ଦରୱେଶଙ୍କ ପତ୍ନୀ ଥିଲେ । ବିଗତ ଦିନ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍ ।** ସ୍ୱର୍ଗତା ନିୟମିତ ନମାଜ ପାଠକାରୀଣୀ ଓ ବ୍ରତଚାରିଣୀ, ଧୈର୍ଯ୍ୟଶୀଳା, ବିନୀତ ସ୍ୱଭାବ ଏବଂ କୃତଜ୍ଞିନୀ ମହିଳାଟିଏ ଥିଲେ । ସ୍ୱର୍ଗତା ନିଜର ସନ୍ତାମାନଙ୍କୁ ମଧ୍ୟ ନମାଜ ଓ ପବିତ୍ର କୁରଆନ୍ ନିୟମିତ ପାଠ କରିବା ପ୍ରତି ଆହ୍ୱାନ ଓ ଅନୁପ୍ରାଣିତ କରୁଥିଲେ । ଯେପର୍ଯ୍ୟନ୍ତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ଓ ସ୍ଥିର ରହିଥିଲା ସେପର୍ଯ୍ୟନ୍ତ ସେ କାଦିୟାନ୍‌ର ବିଭିନ୍ନ ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରଦାନ କରିଥିଲେ । ଖିଲାଫତ୍‌କୁ ସେ ବହୁତ ସ୍ନେହାଦର କରୁଥିଲେ ଏବଂ ଖଲିଫାଙ୍କ ଦ୍ୱାରା ପ୍ରଚଳିତ ଆହ୍ୱାନକୁ ସେ ସମର୍ଥନ ଜଣାଉଥିଲେ । ଦରୱେଶୀ ଜୀବନକାଳକୁ ଅତ୍ୟନ୍ତ ଧୈର୍ଯ୍ୟ, କୃତଜ୍ଞତାର ସହିତ ଅତିବାହିତ କରିଥିଲେ ଏବଂ କେବେ ବି କୌଣସି ବ୍ୟକ୍ତି ଆଗରେ ହାତ ପାତି ନଥିଲେ । ସ୍ୱଗତାଙ୍କ ବାସ ଭବନ ଦାରୁଲ୍ ମସିହ୍ ନିକଟବର୍ତ୍ତୀ ହେବା ଯୋଗୁଁ ଜଲ୍‌ସା ସାଲାନା ଦିନମାନଙ୍କରେ ତାଙ୍କର ବାସ ଭବନ ଅତିଥିଙ୍କ ସମାଗମ ରହୁଥିଲା । ସ୍ୱର୍ଗତା ଅତିଥିମାନଙ୍କୁ ସାଦରରେ ଘରକୁ ପାଛୋଟି ନେଉଥିଲେ ଏବଂ ଉତ୍ତମ ଢଙ୍ଗରେ ସେମାନଙ୍କର ଅତିଥି ସତ୍କାର କରୁଥିଲେ । ସ୍ୱର୍ଗତା ଓସିୟତ୍ କାରୀଣୀ ମହିଳା ଥିଲେ । ତାଙ୍କର ସୁପୁତ୍ର ଶେଖ୍ ନାସିର୍ ୱହିଦ୍ ସାହେବଙ୍କୁ ନୁର ହସ୍ପିଟାଲ କାଦିୟାନ୍‌ରେ ଜଣେ କାଏମ୍ ମୁକାମ୍ (ପ୍ରତିଷ୍ଠାନିକ) ଆଡ଼ମିନିଷ୍ଟ୍ରେଟର ହିସାବରେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ତିନିଜଣ ସୁପୁତ୍ରୀ ବିଦେଶରେ ଅବସ୍ଥାନ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

**ଚତୁର୍ଥ** ଯନାଜାଃ ହେଲା କେନୀ ବାସ୍ଥାର ସମ୍ମାନନୀୟା ମେଲେ ଅନିସା ଏପ୍‌ସିୟା ସାହେବାଙ୍କର । ତାଙ୍କର ମଧ୍ୟ ଜୀବନର ପରିସ୍ଥିତି ବଡ଼ ବିଚିତ୍ର ରହିଛି। ସ୍ୱର୍ଗତା ଜଣେ ନିଷ୍ପାପର ଏବଂ ବିଶ୍ୱସ୍ତତା ମହିଳାଟିଏ ଥିଲେ । ବିଗତ ଦିନ ୭୧ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ତାଙ୍କର ମୋଟ ଜୀବନକାଳ ହେଉଛି ୭୩ ବର୍ଷ । କ୍ୟାରୀବାସ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଖ୍ୱାଜା ସାହେବ କୁହନ୍ତି ଯେ, ସ୍ୱର୍ଗତା କ୍ୟାରୀବାସ୍‌ର ପ୍ରଥମ ମୁସଲମାନ ଏବଂ ପ୍ରଥମ ଅହେମଦି ମହିଳା ଥିଲେ । ସ୍ୱର୍ଗତାଙ୍କୁ କୌଣସି ପ୍ରକାରେ ପବିତ୍ର କୁରଆନ୍ କରୀମ୍‌ର ଏକ ପାଣ୍ଡୁଲିପି ହସ୍ତଗତ ହୋଇଥିଲା । ଯାହାକୁ ସେ ଅନୁବାଦ ସହିତ ପାଠ କରିବାକୁ ଆରମ୍ଭ କରିଦେଲେ । ଏହାକୁ ପାଠ କରି ସାରିବା ପରେ ସ୍ୱର୍ଗତା ମେଲେ ଅନୀସା ଏପ୍‌ସାଇ ସାହେବାଙ୍କ ଉପରେ ପବିତ୍ର କୁରଆନ୍ କରୀମ୍‌ର ଏତେ ପ୍ରଭାବ ପଡ଼ିଲା ଯେ, ସେ ସ୍ୱତଃ ପ୍ରବୃତ୍ତ ଭାବରେ ବିଶ୍ୱାସ ନେଇ ଆସିଲେ ଏବଂ ସେହି ସମୟରୁ ହିଁ ପରଦା କରିବା ମଧ୍ୟ ଆରମ୍ଭ କରିଦେଲେ । ଯେତେବେଳେ ଜମାଅତ୍ ଅହେମଦିୟାର ପ୍ରଥମ ମୁବଲ୍ଲିଗ୍ ସିଲ୍‌ସିଲା ସ୍ୱର୍ଗତ ହାଫିଜ୍ ଜିବ୍ରାଇଲ୍ ସୟଦ୍ ସାହେବ କ୍ୟାରୀବାସ୍ ଆଗମନ କଲେ ସେତେବେଳେ ସେ ଲୋକମାନଙ୍କୁ ପଚାରିଲେ ଯେ, ଏହି ଦେଶରେ କେହି ମୁସଲମାନ ଅଛନ୍ତି କି ? ତେବେ ଲୋକମାନେ ସମ୍ମାନନୀୟ ସ୍ୱର୍ଗତା ମେଲେ ଅନୀସା ଏପ୍‌ସାଇ ସାହେବଙ୍କ ଆଡ଼କୁ ଇଙ୍ଗିତ କଲେ ଏବଂ କହିଲେ, ଏହି ମହିଳା ଜଣକ କେବଳ ସମଗ୍ର ଦେଶରେ ଏକମାତ୍ର ମୁସଲମାନ ମହିଳା ଅଟନ୍ତି । ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କିପରି ଅପାର ଲୀଳା ଓ କୃପା ଦେଖ ଯେ, ଅନୀସା ସାହେବା ଯେତେବେଳେ ଇସଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ଏକ ବର୍ଷ ମଧ୍ୟରେ ହିଁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ମାର୍ଗଦର୍ଶନ କ୍ରମେ ମୁବଲ୍ଲିଗ୍ ସିଲ୍‌ସିଲା ସେଠାରେ ପହଞ୍ଚିଗଲେ । ସେହି ସାହାସୀନୀ ମହିଳା ଜଣକ ସେତେବେଳେ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ପହଞ୍ଚିବା ପୂର୍ବରୁ ହିଁ ନିଜର ପରିବାର ଏବଂ ବନ୍ଧୁ ପରିଜନଙ୍କ ମଧ୍ୟ ଇସ୍‌ଲାମ୍ ଧର୍ମର ପ୍ରଚାର କରିବାକୁ ଆମ୍ଭ କରି ଦେଇଥିଲେ । ଏହି କାରଣରୁ ସେହି ଛୋଟିଆ ଦେଶ ଯାହାର ଜନସଂଖ୍ୟା ଏକ ଲକ୍ଷ ବିଶିଷ୍ଟ ଥିଲା ସେଠାରେ ଏହି ଗୁଜବ ପ୍ରଚାର ହୋଇଗଲା ଯେ, ଜନୈକା ମହିଳା ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଛନ୍ତି । ଏଣୁ କ୍ୟାରୀବାସ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ସ୍ୱର୍ଗତ ହାଫିଜ୍ ଜିବ୍ରାଇଲ୍ ସୟଦ୍ ସାହେବ ଯେତେବଳେ କ୍ୟାରୀବାସ୍‌ରେ ପହଞ୍ଚିଲେ ସେତେବେଳେ ଅଲ୍ଲାଃତାଲା ସ୍ୱର୍ଗତ ମୁବଲ୍ଲିଗ୍ ସାହେବଙ୍କୁ ପ୍ରାରମ୍ଭରୁ ହିଁ ଏକ ସହାୟିକା ଉପଲବ୍ଧି କରି ଦେଇଥିଲେ ଯେକି ଜମାଅତ୍ ପାଇଁ ପ୍ରସ୍ତୁତ ହେଉଥିଲେ ।

ସ୍ୱର୍ଗତା ଏକମାତ୍ର ମୁସଲମାନ ଧର୍ମାବଲମ୍ବୀ ହେବା ଯୋଗୁଁ ପରଦା କରି ଲୋକମାନଙ୍କୁ ପ୍ରଚାର କରିବା ଫଳରେ ବିଖ୍ୟାତ ହୋଇଯାଇଥିଲେ । ସୁତରାଂ ସ୍ୱର୍ଗତ ମୌଲବୀ ଜିବ୍ରାଇଲ୍ ସାହେବ ଯେତେବେଳେ କ୍ୟାରୀବାସ୍‌ରେ ପହଞ୍ଚିଲେ ସେତେବେଳେ ସ୍ୱର୍ଗତା ଅନୀସା ସାହେବା ତୁରନ୍ତ ବୈଅତ୍ କରିନେଲେ ଏବଂ ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲେ । ସ୍ୱର୍ଗତା ଅନୀସା ସାହେବା ମୁବଲ୍ଲିଗ୍ ସାହେବଙ୍କ ରହଣୀ ଓ ସମସ୍ତ ସୁବିଧା ବ୍ୟବସ୍ଥା ମଧ୍ୟ କରିଥିଲେ । ପୁନଶ୍ଚ ଏହାପରେ ସେ ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟରେ ନିମନ୍ତ୍ରିତ ହୋଇଯାଇଥିଲେ ଏବଂ ମୁବଲ୍ଲିଗମାନଙ୍କୁ ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ। ଲୋକମାନଙ୍କର ବିରୋଧ ସତ୍ତ୍ୱେ ସ୍ୱର୍ଗତାଙ୍କ ବିଶ୍ୱାସରେ ତିଳେମାତ୍ର ବିଚଳିତ ହୋଇ ନଥିଲେ । ସେ ଯେଉଁଠି ବି ଯାଇଥିଲେ ସେଠାରେ ପରଦା କରିଥିଲେ ଏବଂ ତାଙ୍କର ମୁସଲମାନ ବେଶପୋଷାକ ତବ୍‌ଲିଗ୍ (ପ୍ରଚାରର) ଏକ ମାଧ୍ୟମ ପାଲଟି ଯାଇଥିଲା । ଏସବୁ ସତ୍ତ୍ୱେ ଲୋକମାନେ ସ୍ୱର୍ଗତାଙ୍କୁ ଥଟ୍ଟା ଓ ପରିହାସ କରୁଥିଲେ । ବେଳେବେଳେ ସ୍ୱର୍ଗତା ଅନୀସା ସାହେବାଙ୍କୁ ଗାଳିଗୁଲଚ ମଧ୍ୟ କରୁଥିଲେ ଓ ବହୁତ ହଇରାଣ ହରକତ୍ ମଧ୍ୟ କରୁଥିଲେ । ଏହିସବୁ ଅତ୍ୟାଚାର ସତ୍ତ୍ୱେ ସ୍ୱର୍ଗତା କେବବି ନିଜର ବିଶ୍ୱାସକୁ ହ୍ରାସ ଏବଂ ପରଦାକୁ ତ୍ୟାଗ କରିଦେଇ ନଥିଲେ ଓ ନିଜର ପରଦା ଯୋଗୁଁ ସେ ଅନ୍ୟ ମହିଳାଙ୍କ ପାଇଁ ଜଣେ ଆଦର୍ଶ ମହିଳା ପାଲଟି ଯାଇଥିଲେ ଓ ଅନ୍ୟ ମହିଳାମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି । ସ୍ୱର୍ଗତା ଅନୀସା ସାହେବା କୁହନ୍ତି ଯେ, ପରଦା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । ପୁନଶ୍ଚ ଲୋକମାନଙ୍କର ବ୍ୟଙ୍ଗ ବିଦ୍ରୁପ ଓ ଅପନିନ୍ଦାକୁ କାହିଁକି ବା ଭୃକ୍ଷେପ କରିବି ଯେ, ସେମାନେ ମୋତେ କ'ଣ ଆକ୍ଷେପ କରୁଛନ୍ତି ? ପ୍ରାରମ୍ଭିକ ସମୟରେ ଯେତେବେଳେ ସ୍ୱର୍ଗତା ଅନୀସା ସାହେବା ନିଜ ମନରେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କୁ ନମାଜ ପଢ଼ିବା ଆସୁ ନଥିଲା ଏବଂ ସେ ନମାଜ ପାଠ କରିବାର ବିଧି ସଂପର୍କରେ ମଧ୍ୟ ଅବଗତ ନଥିଲେ । ତେଣୁ ସେ ସଜ୍‌ଦା ଓ ଅନ୍ୟାନ୍ୟ ନମାଜ ବିଧି ସମ୍ପାଦନ ନକରି ନିଜ ହିସାବରେ ଉପାସନା କରି ନେଉଥିଲେ । ଯେତେବେଳେ ତାଙ୍କର ପିତା ତାଙ୍କୁ ନୂତନ ଉପାସନା ପଦ୍ଧତି ଅନୁଯାୟୀ ଉପାସନା କରୁଥିବାରେ ଦେଖିଲେ ସେତେବେଳେ ସେ ଅନୀସା ସାହେବାଙ୍କ ଉପରେ ଅତ୍ୟନ୍ତ ବିରକ୍ତ ହୋଇଥିଲେ ଏବଂ ପବିତ୍ର କୁରଆନ୍ କରୀମ୍ ଚିରି ଦେବା ପାଇଁ ଧମକ ମଧ୍ୟ ଦେଇଥିଲେ। ପ୍ରତ୍ୟୁତ୍ତରରେ ଅନୀସା ସାହେବା କହିଲେ, ପିତାଶ୍ରୀ ! ଆପଣ ଯଦି ପବିତ୍ର କୁରଆନ୍ ଗ୍ରନ୍ଥ ଚିରି ଦେବା ପାଇଁ କହୁଛନ୍ତି ତେବେ ଆଗ ବାଇବେଲ୍ ଗ୍ରନ୍ଥକୁ ଚିରି ଦିଅନ୍ତୁ । କାରଣ ତହିଁରେ ହ. ଇସା ଅ.ସ ଅଲ୍ଲାଃତାଲାଙ୍କ ଆଗରେ ସଜ୍‌ଦା କରୁଥିବାର ଉଲ୍ଲେଖ ରହିଛି । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ତହିଁରୁ ଏହା ପ୍ରତିତ ହୁଏ ଯେ, ସ୍ୱର୍ଗତା ଅନୀସା ସାହେବା କିପରି ନିଜ ଆସ୍ଥା ଓ ବିଶ୍ୱାସ ଉପରେ

ଅବିଚଳ ରହିଥିଲେ । ପୁନଶ୍ଚ ଏତଦ୍‌ପରେ ଅଲ୍ଲାଃତାଲାଙ୍କ କୃପାରୁ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ଆଗମନ ଫଳରେ ସ୍ୱର୍ଗତା ନିଜେ ମଧ୍ୟ ନମାଜ ଶିଖିଲେ ଏବଂ ଅନ୍ୟ ଲୋକମାନଙ୍କୁ ମଧ୍ୟ ନମାଜ ଶିକ୍ଷା ଦେଇଥିଲେ। ପୃଥିବୀର ଏହି କୋଣରେ ଅର୍ଥାତ ଏହି ଦେଶର ସମସ୍ତ ଲୋକମାନେ ଇସ୍‌ଲାମ୍ ଧର୍ମକୁ ଅତ୍ୟନ୍ତ କୁଦୃଷ୍ଟିରେ ଦେଖିଥାଆନ୍ତି । ସେତେବେଳେ ସେହି ମହିଳା ଯୋଦ୍ଧା ଜଣକ ଛିଡ଼ା ହୋଇ ସମସ୍ତଙ୍କର ମୁକାବିଲା କରୁଥିଲେ ଏବଂ ଅଲ୍ଲାଃତାଲାଙ୍କ ଭୟ ବ୍ୟତୀତ ସେ ଇସ୍‌ଲାମ୍ ଧର୍ମର ଶିକ୍ଷାକୁ ନିର୍ଭୀକ ଭାବରେ ଲୋକମାନଙ୍କ ଆଗରେ ବ୍ୟାଖ୍ୟା କରୁଥିଲେ । ସ୍ୱର୍ଗତାଙ୍କ ଏହିଭଳି ବିଶେଷତା ଯୋଗୁଁ ଅନେକ ଲୋକମାନେ ଏବଂ ରାଜନୈତିକ ନେତୃବୃନ୍ଦମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥିଲା। ଫଳତଃ ସେମାନେ ପୂର୍ବେ ଜମାଅତ୍ ପ୍ରତି ବିରୋଧ ପ୍ରଦର୍ଶନ କରୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ସେହିମାନେ ହିଁ ଜମାଅତର ରେଜିଷ୍ଟ୍ରେସନ (ପଞ୍ଜୀକରଣ) ରେ ମଧ୍ୟ ସାହାଯ୍ୟ କରିଥିଲେ । ସ୍ୱର୍ଗତା ମହିଳାଙ୍କ ଏଭଳି ପ୍ରଭାବ ରହିଥିଲା ଯେ, ସ୍ୱର୍ଗତାଙ୍କୁ ବଡ଼ ବଡ଼ିଆ ରାଜନେତାମାନେ ମଧ୍ୟ ଚିହ୍ନି ନେଇଥିଲେ। ସେହି ନେତୃବୃନ୍ଦମାନେ ସ୍ୱର୍ଗତା ଅନୀସା ସାହେବଙ୍କ ଉପସ୍ଥିତିରେ ଇସ୍‌ଲାମ୍ ବିରୁଦ୍ଧରେ କୌଣସି ନକାରାତ୍ମକ କଥା କହିବାକୁ ଦୁଃସାହାସ କରିପାରୁ ନଥିଲେ ।

ସ୍ୱର୍ଗତା ଅନୀସା ସାହେବା ସର୍ବଦା ନିଜ ଘରର କବାଟ ମେଲା ରଖୁଥିଲେ। ଏହା ପଛରେ ଏହି କାରଣ ନିହିତ ରହିଥିଲା ଯେ, ଲୋକମାନେ ଆସନ୍ତୁ ଏବଂ ତାଙ୍କୁ ଇସ୍‌ଲାମ୍ ଧର୍ମ ସଂପର୍କରେ କୌଣସି କଥା ପଚାରିବାକୁ ଚାହୁଁଛନ୍ତି ତେବେ ସେମାନେ ପଚାରି ପାରନ୍ତି । ସ୍ୱର୍ଗତା ନିଜ ଘରେ ସମସ୍ତଙ୍କୁ ନିୟମିତ ନମାଜ ପାଠ କରିବା ପ୍ରତି ଅନୁପ୍ରାଣିତ କରୁଥିଲେ । ବହୁ ସମୟ ଧରି ସେ ନିଜର ଘରକୁ ନମାଜ ସେଣ୍ଟର ମଧ୍ୟ କରିଥିଲେ । ତାଙ୍କର ସୁପୁତ୍ର ଅହେମଦ ଏପ୍‌ସିଆଇ ସାହେବ ଯେତେବେଳେ କୈଶୋରାବସ୍ଥାରେ ଉପନୀତ ହେଲେ ସେତେବେଳେ ତାଙ୍କର ସୁପୁତ୍ରଙ୍କୁ ଯାମିୟା ଅହେମଦିୟା ଘାନାକୁ ଓକ୍‌ଫ୍ କରି ପଠାଇ ଦିଆଗଲା। ଲୋକମାନେ ସ୍ୱର୍ଗତାଙ୍କୁ ରୋକିଲେ ଯେ, ଆପଣ କାହିଁକି ନିଜର ସୁପୁତ୍ରଙ୍କୁ ସେଠାକୁ ପ୍ରେରଣ କରୁଛନ୍ତି ? ସେମାନେ ପରା ତୁମର ପୁତ୍ରକୁ ସେଠାରେ ମାରିଦେବେ। କିନ୍ତୁ ସ୍ୱର୍ଗତା ଅନୀସା ସାହେବା ଅତ୍ୟନ୍ତ ଗର୍ବର ସହକାରେ ନିଜର ସୁପୁତ୍ରକୁ ପ୍ରେରଣ କଲେ । କିନ୍ତୁ ଅଲ୍ଲାଃତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ସ୍ୱର୍ଗତାଙ୍କ ସୁପୁତ୍ର ଅହେମଦ ଏପ୍‌ସିଆଇ ଆଫ୍ରିକା ଯାଇ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହେଲେ ଏବଂ ଶେଷରେ ମୃତ୍ୟୁବରଣ କଲେ । ଫଳତଃ ଏହି ବିରୋଧୀ ଲୋକମାନେ ଯେଉଁମାନେ ସ୍ୱର୍ଗତାଙ୍କୁ ତାଙ୍କ ପୁତ୍ରକୁ ୱକ୍‌ଫ୍ ଓ ଘାନା ଯିବା ପାଇଁ ବାରଣ କରୁଥିଲେ ସେମାନେ ତାଙ୍କ ଘରକୁ ଆସିଲେ ଏବଂ ସ୍ୱର୍ଗତାଙ୍କୁ କହିବାକୁ ଲାଗିଲେ ଯେ, ଦେଖିଲ ! ଇସ୍‌ଲାମ୍ ଧର୍ମ ମିଥ୍ୟା ଅଟେ ଏବଂ ଏଇଥି ପାଇଁ ତୁମର ପୁତ୍ରର ଅକାଳ ମୃତ୍ୟୁ ଘଟିଛି । କିନ୍ତୁ ମେଲେ ଅନୀସା ଏପ୍‌ସିଆଇ ସାହେବା ସେମାନଙ୍କର ଏହି ବ୍ୟଙ୍ଗ ବିଦ୍ରୁପକୁ ଭ୍ରୂକ୍ଷେପ କଲେ ନାହିଁ କି କୌଣସି କର୍ଣ୍ଣପାତ କଲେ ନାହିଁ ଏବଂ ଦୃଢମନା ଭାବରେ ନିଜର ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିଲେ ଏବଂ ଇସ୍‌ଲାମ୍ ସକାଶେ ଅତ୍ୟନ୍ତ ମନପ୍ରାଣ ଦେଇ ସେବା କରିବାକୁ ଲାଗିଲେ । ପୂର୍ବାପେକ୍ଷା ଅଧିକ ଭାବରେ ତାଙ୍କ ବିଶ୍ୱାସରେ ନା କୌଣସି ତାରତମ୍ୟ ଦେଖାଦେଲା ଓ ନା ହିଁ ତାଙ୍କର ପରଦା ଉପରେ କୌଣସି ଆଞ୍ଚ ଆସିଲା । ସ୍ୱର୍ଗତାଙ୍କ ଅନ୍ୟ ସନ୍ତାନମାନେ ମଧ୍ୟ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିଲେ ଏବଂ ତାଙ୍କର ତବ୍‌ଲିଗ୍ କାର୍ଯ୍ୟ ମଧ୍ୟ ଅବ୍ୟାହତ ରହିଛି ।

ସ୍ୱର୍ଗତା ନିଜ ପଛରେ ତିନି ଜଣ କନ୍ୟା ସନ୍ତାନ ଏବଂ ଏକମାତ୍ର ପୁତ୍ର ସନ୍ତାନ ଜୀବିତ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ନିଜ ମାତାଙ୍କ ପରି ସେମାନେ ମଧ୍ୟ ଇସ୍‌ଲାମ୍ ଓ ଅହେମଦିୟତ୍‌ର ସେବା କରିବାକୁ ସାମର୍ଥ୍ୟ ଲାଭ କରନ୍ତୁ । **ଆମିନ୍।**

ସ୍ୱର୍ଗତାଙ୍କ ଦ୍ୱାରା ବପନ କରାଯାଇଥିବା ବୀଜରେ ଅଲ୍ଲାଃତାଲା କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତାଙ୍କ ଅଭିଳଷା ଅନୁଯାୟୀ ଏହି କ୍ଷୁଦ୍ର ଦ୍ୱୀପପୁଞ୍ଜଟି ସଂପୂର୍ଣ୍ଣ ରୂପେ ଅହେମଦିୟତ୍‌ରେ ପରିପୂର୍ଣ୍ଣ ହୋଇଯାଉ । **ଆମିନ୍।** ଅଲ୍ଲାଃତାଲା ଏହି ନିର୍ଭୀକ ଓ ନିଜର ଆଦର୍ଶ ସ୍ଥାପନକାରୀଣୀ ମହିଳା, ଅତ୍ୟନ୍ତ ପୁଣ୍ୟବାନ, ସାହାସୀନୀ ଏବଂ ସ୍ୱାଭିମାନୀ ଓ ପ୍ରଭାବଶାଳୀ ମହିଳାଙ୍କ ପରି ଜମାଅତ୍‌କୁ ପ୍ରଦାନ କରୁ ଥାଆନ୍ତୁ ଏବଂ ଏହିଭଳି ବଳିଦାନକାରୀଣୀ ମାତା ଜମାଅତ୍‌କୁ ସର୍ବଦା ପ୍ରଦାନ କରୁ ଥାଆନ୍ତୁ। **ଇନ୍‌ଶାଅଲ୍ଲାଃ।** ଏହି ମହିଳା ଜଣକ ଯେକି ମୁବଲ୍ଲିଗୀନ୍‌ମାନଙ୍କ ଠାରୁ ଅଧିକ ତବ୍‌ଲିଗର କର୍ତ୍ତବ୍ୟ ନିର୍ବାହ କରିଛନ୍ତି । ହୁଜୁର ଅନୱର୍ ଅ.ବ କହିଲେ; ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକ ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍।**

☆ ☆ ☆

**ଜଲ୍‌ସା ସାଲାନ ୨୦୨୨ରେ ପ୍ରଦତ୍ତ ଭାଷଣ**

**(ଖିଲାଫତ୍ ହେଉଛି ଶାନ୍ତିର ଦୁର୍ଗ)**

(ସମ୍ମାନନୀୟ ତାରିକ୍ ଅହେମଦ୍ ସାହେବ, ସଦର୍ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାରତ ଓ ଇନଚାର୍ଜ ସାହେବ ଶୋବା ନୁରୁଲ୍ ଇସଲାମ୍)

وَإِذْ قَالَ رَبُّكَ لِلْمَلَائِكَةِ إِنِّي جَاعِلٌ فِي الْأَرْضِ خَلِيفَةً قَالُوا أَتَجْعَلُ فِيهَا مَنْ يُفْسِدُ فِيهَا وَيَسْفِكُ الدِّمَاءَ وَنَحْنُ نُسَبِّحُ بِحَمْدِكَ وَنُقَدِّسُ لَكَ قَالَ إِنِّي أَعْلَمُ مَا لَا تَعْلَمُونَ-

(سورة البقرة:٣١)

ଏବଂ ଯେତେବେଳେ ତୁମର ପାଳନକର୍ତ୍ତା ଦେବଦୂତମାନଙ୍କୁ କହିଲେ, "ଆମ୍ଭେ ପୃଥିବୀରେ ଜଣେ ଖଲିଫା (ଉତ୍ତରାଧିକାରୀ) ନିଯୁକ୍ତ କରିବାକୁ ଯାଉଛୁ, ଏଥି ଉତ୍ତାରୁ ସେମାନେ କହିଲେ, କ'ଣ ତୁମ୍ଭେ ସେଠାରେ ଏପରି ଲୋକମାନଙ୍କୁ ସୃଷ୍ଟି କରିବ ଯେଉଁମାନେ କି ସେଠାରେ ବିଶୃଙ୍ଖଳା ଓ ରକ୍ତପାତ କରିବେ ଏବଂ ଆମେମାନେ ତ' ତୁମର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତୁମ୍ଭର ଗୁଣଗାନ କରୁଅଛୁ ଏବଂ ତୁମ୍ଭଠାରେ ସମସ୍ତ ମହାନତା ଥିବା ସ୍ୱୀକାର କରୁଅଛୁ । ଏଥି ଉତ୍ତାରୁ ଅଲ୍ଲାଃତାଲା କହିଲେ, ତୁମେମାନେ ଯାହା ଜାଣ ନାହିଁ ତାହା ନିଶ୍ଚୟ "ରୂପେ ଆମ୍ଭେ ଜାଣୁଁ ।

صدق سے میری طرف آؤ اسی میں خیر ہے
ہیں درندے ہر طرف میں ہوں عافیت کا حصار

ଉପସ୍ଥିତ ଶ୍ରୋତା ମଣ୍ଡଳୀ ! ସୟେଦିନା ପବିତ୍ର ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଉକ୍ତ ଯୁଗର ଦୃଢ ଦୁର୍ଗ ହେଉଛି ମୁଁ । ଯେଉଁ ବ୍ୟକ୍ତି ମୋ ସଂପ୍ରଦାୟ ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ ସେ ଚୋର ଓ ଦସ୍ୟୁ ତଥା ହିଂସ୍ର ବ୍ୟକ୍ତିମାନଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିନେବ । କିନ୍ତୁ ଯେଉଁ ବ୍ୟକ୍ତି ମୋର ଚାରି କାନ୍ଥରୁ ଦୂରେଇ ରହିବାକୁ ଇଚ୍ଛା ପ୍ରକାଶ କରେ ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତି ଜଣକ ପ୍ରତ୍ୟେକ ଦିଗକୁ ମୃତ୍ୟୁର ସମ୍ମୁଖୀନ ହୋଇଥାଏ ଏବଂ ତା'ର ମର ଶରୀର ମଧ୍ୟ ସୁରକ୍ଷିତ ରହିବ ନାହିଁ ।

**(ଫତହ୍ ଇସଲାମ୍, ପୃ-୩୪)**

ଉପସ୍ଥିତ ସଭାପତି ମହୋଦୟ ଓ ଉପସ୍ଥିତ ସଜ୍ଜନ ଶ୍ରୋତାମଣ୍ଡଳୀ ! **ଅସ୍‌ସଲାମୁ ଅଲୈକୁମ୍ ୱ ରହ୍‌ମତୁଲ୍ଲାଃହି ୱ ବରକାତୁହୁ** । ଆଜିର ଏହି କାନ୍ତ କମନୀୟ ପରିବେଶରେ ଅଧମର ଭାଷଣର ବିଷୟବସ୍ତୁ ହେଲା **'ଖିଲାଫତ୍ ଆଫିୟତ୍ କା ହିସାର'** ।

ଉପସ୍ଥିତ ଶ୍ରୋତା ମଣ୍ଡଳୀ ! ହ. ଆଦମ୍ ଅ.ସଙ୍କ ଖିଲାଫତ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରକୃତ ସୃଷ୍ଟିକର୍ତ୍ତା ଓ ଦେବଦୂତମାନଙ୍କର ଏହି ବାର୍ତ୍ତାଳାପ ଏକ ପ୍ରସଙ୍ଗ ସଂକ୍ରାନ୍ତରେ ସ୍ୱଷ୍ଟ ସୂଚନା ପ୍ରଦାନ କରେ । ଅର୍ଥାତ ଖଲିଫାଙ୍କର ଶାନ୍ତିପ୍ରଦ ଅସ୍ତିତ୍ୱ ସହିତ ଏଭଳି ରକ୍ତପାତ ଓ ରକ୍ତାକ୍ତମୟ ଉପଦ୍ରବର ଘନଘଟା ଆଚ୍ଛନ୍ନ ଥିବାର ଦୃଶ୍ୟମାନ ହୁଏ ଯେ, ଈଶ୍ୱରଦୂତମାନେ ମଧ୍ୟ ଏହାକୁ ବୁଝିବାକୁ ଅକ୍ଷମ ଅଟନ୍ତି। କାରଣ ପ୍ରକୃତରେ ଉକ୍ତ ଝଡ଼ବାତ୍ୟାମୂଳକ (ଉପଦ୍ରବ) ଅଶିଷ୍ଟତାର ଉତ୍ତେଜକ କିଏ ଏବଂ ତାହା କେଉଁ ପ୍ରକାରର ସୁରକ୍ଷିତ ଦୁର୍ଗ ଯାହାକି ଉକ୍ତ ଅନ୍ୟାୟ ଓ ଅତ୍ୟାଚରରୁ ଧରାପୃଷ୍ଠକୁ ପବିତ୍ର କରିବ । ସୁତରାଂ ଅଲ୍ଲାଃତାଲାଙ୍କ ସଂକ୍ଷିପ୍ତ ଉତ୍ତର ଈଶ୍ୱରଦୂତଙ୍କୁ ନିରୁତ୍ତର କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା ଅର୍ଥାତ إِنِّي أَعْلَمُ مَا لَا تَعْلَمُونَ ଅର୍ଥାତ ତୁମେମାନେ ଯାହା ଜାଣ ନାହିଁ ତାହା ନିଶ୍ଚୟ ରୂପେ ଆମ୍ଭେ ଜାଣୁଁ।

ବିଶ୍ୱ ଇତିହାସ ଏକଥାର ସାକ୍ଷୀ ଓ ବାକ୍‌ବକ୍ତା ଯେ, ଅଲ୍ଲାଃତାଲାଙ୍କ ବିଧାନ ପୁନଃ **ଖିଲାଫତ୍ ଆଫିୟତ୍ କା ହିସାରର** ବିଷୟବସ୍ତୁକୁ ନିଜର ଐଶୀ ସର୍ବଶକ୍ତିମାନ ଈଶ୍ୱରତ୍ୱର ବୈଚିତ୍ରମୟ ଲୀଳାର ପ୍ରାଦୁର୍ଭାବ ମାଧ୍ୟମରେ ଏଭଳି ସ୍ୱଷ୍ଟ ତଥା ଜାଜ୍ୱଲ୍ୟମାନ କରିଦେଲେ ଯେ, ସେ ଜିନ୍ (ଅଦୃଶ୍ୟ ସୃଷ୍ଟି) ହୁଅନ୍ତୁ ଅବା ମାନବ ହୁଅନ୍ତୁ, ସେ ଈଶ୍ୱରଦୂତ ହୁଅନ୍ତୁ ସମସ୍ତଙ୍କୁ ନିଜର ଅସ୍ତିତ୍ୱହୀନ ହେବାର ସ୍ୱୀକାର କରିବା ସଙ୍ଗେ ସଙ୍ଗେ ନତମସ୍ତକ ହେବାକୁ ପଡ଼ିଥିଲା ।

ଉକ୍ତ ବିଷୟବସ୍ତୁଟି ଏପରି ନୁହେଁ ଯେ, ତାହା କେବଳ ଏକ ପୁରୁଣା ଓ ଅତୀତର କାହାଣୀ ଅଟେ । ବରଂ ତାହା ଏପରି ସ୍ରୋତସ୍ୱତୀ ନଈ ପରି ଯେ, ତାହାର କୌଣସି କଡ଼ ଓ କୂଳ ନାହିଁ ଅର୍ଥାତ ତାହା କୂଳହୀନ । ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେ, ଆମେ ହେଉଛେ ସେହି ସୌଭାଗ୍ୟଶାଳୀ ଜମାଅତ୍ ଯିଏ ଖିଲାଫତ୍‌ର କଲ୍ୟାଣ ଓ ପ୍ରାଚୁର୍ଯ୍ୟତା ତଥା ତାହାଙ୍କ ଦ୍ୱାରା ସ୍ଥାପିତ ଦୁର୍ଗ ଉପରେ ବିଶ୍ୱାସବର୍ଦ୍ଧକ ଓ ପ୍ରତ୍ୟେକ୍ଷଦର୍ଶୀ ଅଟୁ । ଆମେମାନେ ଖିଲାଫତ୍‌ର ସେହି ସଦ୍ୟତମ ନିଦର୍ଶନ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ ମୁହୂର୍ତ୍ତରେ ଅବଲୋକନ କରୁଅଛୁ ।

احساں اسکے ہم پہ ہیں بے حد بیکراں
جو گِن سکے اُنہیں نہیں ایسی کوئی زُباں

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.8 Thursday MAY 18-25 2023 Issue No. 14-21

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଖିଲାଫତ୍‌ର ବ୍ୟବସ୍ଥା ଏକ ସର୍ବୋତ୍କୃଷ୍ଟ କଲ୍ୟାଣମୟ ବ୍ୟବସ୍ଥା ଅଟେ। ଏହାରି ମାଧ୍ୟମରେ ଅବତାରତ୍ୱର ସୂର୍ଯ୍ୟ ଅସ୍ତ ହେବା ପରେ ଅଲ୍ଲାଃତାଲା ଅବତାରତ୍ୱମୂଳକ ଚନ୍ଦ୍ରର ଉଦୟ ହେବା ନିମନ୍ତେ ବ୍ୟବସ୍ଥା କରିଥାନ୍ତି । ଏହିଭଳି ଜମାଅତ୍‌କୁ ପ୍ରଭୁ ସେହି ଆଘାତର ପ୍ରଭାବରୁ ରକ୍ଷା କରି ନିଅନ୍ତି ଯାହା ନବୀଙ୍କ ବିୟୋଗ ପରେ ନୂତନ ରୂପେ ସ୍ଥାପିତ ହୋଇଥିବା ଜମାଅତ୍ ଉପରେ ଏକ ମହା ବିପତ୍ତି ରୂପେ ଆସିଥାଏ ।

ଖିଲାଫତ୍ ବ୍ୟବସ୍ଥା ହେଉଛି ଏଭଳି ଏକ ସହଜ ଓ ସରଳ ନେତୃତ୍ୱମୂଳକ ବ୍ୟବସ୍ଥା ଯାହାକି ପ୍ରଭୁଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ବିଶ୍ୱାସକାରୀଙ୍କ ଜମାଅତ୍‌କୁ ସେମାନଙ୍କର ଆଧ୍ୟାତ୍ମିକ ସ୍ଥାୟୀତ୍ୱ ଓ ଉନ୍ନତି ନିମନ୍ତେ ପ୍ରଭୁ ପ୍ରଦାନ କରି ଥାଆନ୍ତି। ଏହା ଏକ ମହା ପୁରସ୍କାର ଅଟେ, ଯାହାକି ବିଶ୍ୱାସ, ସତ୍‌କର୍ମର ମୌଳିକ ସର୍ତ୍ତ ଦ୍ୱାରା ଚୁକ୍ତିବଦ୍ଧ ଅଟେ । ଉକ୍ତ ଐଶୀ ମୋକ୍ଷ ପ୍ରଦାନକାରୀଙ୍କ ସତ୍ତା ଅଲ୍ଲାଃତାଲାଙ୍କର ଏକ ଦଉଡ଼ି ସଦୃଶ । ଉକ୍ତ ଐଶୀ ଦଉଡ଼ିକୁ ଦୃଢ ରୂପ ଜାବୁଡ଼ି ଧରିବା ଜମାଅତ୍‌ର ବିଶ୍ୱାସକାରୀଙ୍କ ନିମନ୍ତେ ଓ ସେମାନଙ୍କର ବିଶ୍ୱାସର ପୁଷ୍ଟି ମଧ୍ୟ ହୋଇଥାଏ । ତତ୍‌ସହିତ ଖିଲାଫତ୍ ଶାନ୍ତି, ସୌହାର୍ଦ୍ଦ୍ୟର ଏବଂ ଉନ୍ନତିର ଏକ ଜାମିନ୍ ଅଟେ ।

ଉପସ୍ଥିତ ଶ୍ରୋତାମଣ୍ଡଳୀ ! ଆଜି ଆମେମାନେ ଅବଲୋକନ କରୁଅଛେ ଯେ, ସଂସାର ନାନା ସମସ୍ୟା ଓ ବିପତ୍ତି ଦ୍ୱାରା ପ୍ରପିଡ଼ୀତ ଓ ଜର୍ଜରିତ । ସାଂପ୍ରତିକ ଯୁଗର ନକ୍‌ସା ଅଙ୍କନ କରି ହ. ମସିହ୍ ମଉଦ୍ ଅ.ସ ସ୍ୱଷ୍ଟ ରୂପେ ସମୟପୂର୍ବେ ଘୋଷଣା କରି ଦେଇଥିଲେ ଯେ: "ହେ ୟୁରୋପ୍ ! ତୁ ମଧ୍ୟ ଶାନ୍ତିରେ ନାହୁଁ ଓ ହେ ଏସିଆ ! ତୁ ମଧ୍ୟ ସରକ୍ଷିତ ନାହୁଁ ଓ ହେ ଉପଦ୍ୱୀପ ବାସୀ ! କେହି କୃତ୍ରିମ ଈଶ୍ୱର ତୁମମାନଙ୍କୁ ସାହାଯ୍ୟ କରିବେ ନାହିଁ କି ସାହା ମଧ୍ୟ ହେବେ ନାହିଁ। ମୁଁ ସହରଗୁଡ଼ିକୁ (ଅର୍ଥାତ ନଗର ସଭ୍ୟତାକୁ) ପତନନ୍ମୋଖୀ ହେଉଥିବାର ଅବଲୋକନ କରୁଛି ଓ ଜନସଂଖ୍ୟାକୁ ଜନଶୂନ୍ୟ ହେଉଥିବାର ପାଉଅଛି। ସେହି ଏକେଶ୍ୱରବାଦ ପ୍ରଭୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନୀରବ ରହିଲେ ଏବଂ ତାହାଙ୍କ ଚକ୍ଷୁ ଆଗରେ ଘୃଣ୍ୟ କାର୍ଯ୍ୟ ସମ୍ପାଦିତ ହେଲା, କିନ୍ତୁ ସେ ଚୁପ୍ ରହିଲେ। ବର୍ତ୍ତମାନ ସେ ନିଜର ଅତ୍ୟନ୍ତ ଭୟଙ୍କର, ବିକଟାଳ ରୂପେ ପ୍ରଦର୍ଶନ କରିବେ। ଯେଉଁ ବ୍ୟକ୍ତିର ଶ୍ରବଣ ଯୋଗ୍ୟ କର୍ଣ୍ଣ ରହିଛି ସେ ଶୁଣିନେଉ । ସେହି ସମୟ ଆଉ ବେଶୀ ଦୂର ନୁହେଁ । ଈଶ୍ୱରଙ୍କର ଶାନ୍ତିମୂଳକ ଧ୍ୱଜା ତଳେ ସମସ୍ତଙ୍କୁ ଏକତ୍ରିତ କରିବା ପାଇଁ ମୁଁ ଏହି ଉଦ୍ୟମ କଲି । କିନ୍ତୁ ଭାଗ୍ୟର ଲେଖନ ସଂପୂର୍ଣ୍ଣ ହେଉ । ମୁଁ ସତ ସକ କହୁଛି ଯେ, ଉକ୍ତ ଦେଶର ଦୁରବସ୍ଥା ମଧ୍ୟ ପାଖେଇ ଆସୁଛି । ହ. ନୁହ୍ ଅ.ସଙ୍କ ଯୁଗ ତୁମ ଚକ୍ଷୁ ଆଗରେ ଦୃଶ୍ୟମାନ ହେବ ଓ ହ. ଲୁତ୍ ଅ.ସଙ୍କ ଭୂମିର ଘଟଣା ତୁମେ ସ୍ୱଚକ୍ଷୁରେ ସ୍ୱୟଂ ଅବଲୋକନ କରିନେବ। କିନ୍ତୁ ଅଲ୍ଲାଃତାଲା କ୍ରୋଧ ଓ ପ୍ରକୋପ ପ୍ରଦର୍ଶନ କରିବାରେ ମନ୍ଥର ଅଟନ୍ତି । ତୁମେମାନେ କ୍ଷମାଯାଚନା କର, କାରଣ ତୁମ ପ୍ରତି ଦୟା ପ୍ରଦର୍ଶନ କରାଯାଉ। ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ପରିତ୍ୟାଗ କରିଦିଏ ସେ ଏକ କୀଟ ସଦୃଶ, ନା କି ଜଣେ ମଣିଷ ଅଟେ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ଭୟ କରେ ନାହିଁ ସେହି ବ୍ୟକ୍ତି ଜୀବିତ ବ୍ୟକ୍ତି ନୁହେଁ ବରଂ ମୃତ ବ୍ୟକ୍ତି ଅଟେ ।"

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-୨୨, ପୃ-୨୬୮ )**

ଆଜି ମାନବଜାତିର ଅବସ୍ଥା وَكُنتُم عَلَىٰ شَفَا حُفْرَةٍ مِّنَ النَّارِ ପରି ଅଟେ । ଅର୍ଥାତ ବର୍ତ୍ତମାନ ସଂସାର ଏକ ମହାବିପତ୍ତିର ଦ୍ୱାର ବା ଗର୍ତ୍ତ ସମ୍ମୁଖରେ ଛିଡ଼ା ହୋଇଛି । ଆଜି ସଂସାରରେ ଏକ ଅଶାନ୍ତି ଓ ଭୟର ବାତାବରଣ ରହିଛି ଏବଂ ଯୁଦ୍ଧର ବଉଦ (ବାଦଲ) ସମଗ୍ର ପରିବେଶକୁ ଆଛନ୍ନ କରି ରଖିଛି । ସମଗ୍ର ମାନବ ଜାତିକୁ ବର୍ତ୍ତମାନ ଅନ୍ୟ ସାଂସାରିକ ଆବଶ୍ୟକତା ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟ, ପୁଣ୍ୟ ତଥା ସୁରକ୍ଷାର ଯେଉଁଭଳି ଆବଶ୍ୟକତା ରହିଛି ବୋଧ ହୁଏ ଏହା ପୂର୍ବରୁ ସେହି ସବୁର ଆବଶ୍ୟକତା ନଥିଲା । ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା ସୃଷ୍ଟି ତଥା ଘନୀଭୂତ ହେବାକୁ ଲାଗିଲାଣି । ଏହିଭଳି ଉତ୍କଟ ପରିସ୍ଥିତିରେ ପୃଥିବୀରେ ମାନବିକତା ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିବା ବ୍ୟକ୍ତି ଓ ତାହାର ନିଃସ୍ୱାର୍ଥପର ସେବା ତଥା ତାହାର କୁଶଳ ମଙ୍ଗଳ କାମନା ନିମନ୍ତେ ପ୍ରାର୍ଥନାକାରୀ ଜଣେ ପବିତ୍ର ଆକାଶୀୟ ବ୍ୟବସ୍ଥା ହେଉଛି **ଖିଲାଫତେ ଅହେମଦିୟା।** ଆଜି ପୃଥିବୀରେ ଜମାଅତ୍ ଅହେମଦିୟା ଯେଉଁଭଳି ଭାବରେ ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯେଉଁ ଆପ୍ରାଣ ଉଦ୍ୟମ କରିଛି, ତାହାର କୌଣସି ଦୃଷ୍ଟାନ୍ତ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳି ନାହିଁ। ଆମର ପ୍ରିୟ ଧର୍ମାଧ୍ୟକ୍ଷ ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବଙ୍କ ଅସ୍ତିତ୍ୱ ହିଁ ପୃଥିବୀବାସୀଙ୍କୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୀର୍ଘ ଦିନ ହେଲା ଅହରହ ଭାବରେ ସାବଧାନ କରୁଅଛି। ଶାନ୍ତି, ସନ୍ଧି ସ୍ଥାପନ କରିବା ଏବଂ ହୁଜୁର ଅନୱର୍ ଅ.ବ ହିଁ ସୌହାର୍ଦ୍ଦ୍ୟମୂଳକ ବାତାବରଣ ସୃଷ୍ଟିକାରୀ ଜଣେ ଆନ୍ତର୍ଜାତିକ ମାର୍ଗଦର୍ଶକ ଅଟନ୍ତି ଏବଂ ଆମମାନଙ୍କର ଏହି ସୌଭାଗ୍ୟ ଯେ, ଆମେମାନେ ତାହାଙ୍କୁ ସ୍ୱୀକାର କରିଛେ ଓ ତାହାଙ୍କର ଆଜ୍ଞା ପାଳନ କରୁଛେ । କିନ୍ତୁ ସେହି ଲୋକମାନେ ଯେଉଁମାନେ ସେହି ପୁଣ୍ୟ ଅସ୍ତିତ୍ୱଙ୍କୁ ସ୍ୱୀକାର କରନ୍ତି ନାହିଁ ସେ ସେହି ଅବଜ୍ଞାକାରୀମାନଙ୍କ ପାଇଁ ମଧ୍ୟ ସେହିପରି ସହାନୁଭୂତି ପ୍ରଦର୍ଶନ କରନ୍ତି ଓ ସେମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତି ତଥା ସେମାନଙ୍କର ସକାଶେ ମଙ୍ଗଳ କାମନା କରନ୍ତି । କାରଣ ଏହି ଯୁଗରେ କେବଳ ଖିଲାଫତେ ଅହେମଦିୟା ହିଁ ଏକମାତ୍ର ଦୁର୍ଗ ଯାହା ସୁରକ୍ଷାର ଏକ ଦୃଢତମ ଦୁର୍ଗ ଅଟେ ।

ଆଜି ଯେତେବେଳେ ବିଧର୍ମୀତା ଚରମ ସୀମାରେ ରହିଛି ଓ ଲୋକମାନେ ନିଜର ଜନ୍ମଦାତା, ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ପାସୋରି ଯାଉଛନ୍ତି । ସେହି କାରଣରୁ ବ୍ୟକ୍ତିଗତ ଓ ସାମୂହିକ ଅଶାନ୍ତି ତଥା ଅରାଜକତାର ଶିକାର ହେଉଛନ୍ତି। ଆମର ପ୍ରିୟ ଇମାମ୍ ସଂସାରକୁ ବାସ୍ତବିକ ସୁରକ୍ଷା ଦୁର୍ଗ ଆଡ଼କୁ ଅର୍ଥାତ ଈଶ୍ୱରଙ୍କୁ ଚିହ୍ନିବା ପ୍ରତି ଦୃଷ୍ଟି ଆକର୍ଷଣ କରୁଛନ୍ତି । ହୁଜୁର ଅନୱର୍ ଅ.ବ ଅନେକ ଫୋରମ୍‌ଗୁଡ଼ିକରେ କୁରଆନୀୟ ଓ ଐତିହାସିକ ଉଦାହରଣ ଉପସ୍ଥାପିତ କରି କହିଲେ, ସଂସାରରେ ପ୍ରକୃତ, ସୁଦୃଢ ଓ ସ୍ଥାୟୀ ଶାନ୍ତି ସ୍ଥାପନ ନିମନ୍ତେ ପ୍ରଭୁଙ୍କ ଅସ୍ତିତ୍ୱକୁ ଚିହ୍ନିବା ଓ ତାହାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେସଙ୍ଗେ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେଲେ ନ୍ୟାୟ ସ୍ଥାପନ କରିବା ସର୍ତ୍ତ ରହିଛି । ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ଜଲ୍‌ସା ସାଲାନା ଜର୍ମାନୀ ୨୦୨୨ ଅବସରରେ ଆଦେଶ ଦେଲେ ଯେ, ଅତଏବ ସଂସାରରେ ପ୍ରକୃତ ଶାନ୍ତି ସ୍ଥାପନ କରିବାକୁ ହେଲେ ଏହି ଆସ୍ଥା ଓ ଏହି ପନ୍ଥାକୁ କାର୍ଯ୍ୟକାରୀ କରାଇବା ଦ୍ୱାରା ଆମର ଯୋଜନା ସାଫଲ୍ୟମଣ୍ଡିତ ହେବ । ଅର୍ଥାତ ଏହି ସଂସାରର ଜଣେ ଈଶ୍ୱର ଅଟନ୍ତି । ୟିଏ ଏହା ଚାହାନ୍ତି ଯେ, ସମସ୍ତ ଲୋକମାନେ ଶାନ୍ତିରେ ରୁହନ୍ତୁ । ଯେପର୍ଯ୍ୟନ୍ତ ଏକ ଅଲୌକିକ ଉର୍ଦ୍ଧ୍ୱ ସତ୍ତାଙ୍କୁ ସ୍ୱୀକାର କରାଯାଇ ନାହିଁ, ଯେପର୍ଯ୍ୟନ୍ତ ତାହାଙ୍କ ପ୍ରେମ ହୃଦୟ ମଧ୍ୟରେ ସୃଷ୍ଟି ହୋଇ ନାହିଁ ସେପର୍ଯ୍ୟନ୍ତ ସଂସାରରେ ପ୍ରକୃତ ଶାନ୍ତି ସ୍ଥାପନ ହୋଇପାରିବ ନାହିଁ। ହୃଦୟ ମଧ୍ୟରେ ଥିବା ଏହି ଆସ୍ଥା ତଥା ବିଶ୍ୱାସ ଯେ, ଅଲ୍ଲାଃତାଲା ହେଉଛନ୍ତି ଶାନ୍ତି ପ୍ରଦାନକାରୀ ଈଶ୍ୱର। ଉକ୍ତ ମତ ତଥା ଆସ୍ଥାକୁ ଅଲ୍ଲାଃତାଲା କେବଳ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅଙ୍କ ମାଧ୍ୟମରେ ହିଁ ଉପସ୍ଥାପିତ କରିଛନ୍ତି । ଯେପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ପ୍ରକୃତ ଭ୍ରାତୃତ୍ୱ ଭାବ ଜାତ ହୋଇ ନାହିଁ ସେପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହୋଇପାରିବ ନାହିଁ । ପ୍ରକୃତ ଭ୍ରାତୃତ୍ୱତା ଏକ ଈଶ୍ୱରଙ୍କ ସ୍ୱୀକାର କରିବା ବ୍ୟତୀରେକ ସୃଷ୍ଟି ହୋଇପାରିବ ନାହିଁ ।"

ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ନିଜର ପତ୍ର ମାଧ୍ୟମରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦମାନଙ୍କୁ ମଧ୍ୟ ଶାନ୍ତି ସ୍ଥପନ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି: ୮ ମାର୍ଚ୍ଚ ୨୦୧୨ ମସିହାକୁ ହୁଜୁର ଅନ୍‌ୱର୍ ଅ.ବ ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମାଙ୍କୁ ସମ୍ବୋଧିତ କରି କହିଲେ, "ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଅବସ୍ଥା ବିପର୍ଯ୍ୟସ୍ତକୁ ଦୃଷ୍ଟିରେ ରଖି ମୁଁ ଏହା ଆବଶ୍ୟକ ମନେକଲି ଯେ, ଆପଣଙ୍କ ନିକଟକୁ ଏକ ପତ୍ର ପ୍ରେରଣ କରିଦିଏ । କାରଣ ଆପଣ ଯୁକ୍ତରାଜ୍ୟ ଆମେରିକାର ରାଷ୍ଟ୍ରପତି ତଥା ସର୍ବୋଚ୍ଚ ଆସନରେ ଆସୀନ ଅଟନ୍ତି ଏବଂ ଉକ୍ତ ରାଷ୍ଟ୍ରଟି ମହା ଶକ୍ତିଶାଳୀ ରାଷ୍ଟ୍ର ଅଟେ......ମୁଁ କେବଳ ଆପଣଙ୍କ ନିକଟରେ ନୁହେଁ ବରଂ ସମଗ୍ର ଆନ୍ତର୍ଜାତିକ ନେତାମାନଙ୍କୁ ବିନୀତପୂର୍ବକ ଅନୁରୋଧ କରେ କି ସଂସାରରେ ଶାନ୍ତି ସ୍ଥାପନ ସକାଶେ ନିଜର ଭୂମିକା ଯଥାସାଧ ନିର୍ବାହ କରନ୍ତୁ........ଅଲ୍ଲାଃତାଲା ଆପଣଙ୍କୁ ଓ ସମସ୍ତ ଆନ୍ତର୍ଜାତିକ ନେତାମାନଙ୍କୁ ଏହି ବାର୍ତ୍ତାକୁ ହୃଦୟଙ୍ଗମ କରିବା ଓ ଏହା ଉପରେ କାର୍ଯ୍ୟନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।"

ପ୍ରତ୍ୟେକ ଯୁଗରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଏହା ହିଁ ଏକମାତ୍ର ପନ୍ଥା ଅଟେ ।"

**(୨୮ ଅକ୍ଟୋବର ୨୦୧୬ ମସିହା, ୟର୍କ ବିଶ୍ୱବିଦ୍ୟାଳୟ, ଓଣ୍ଟିରିୟୋ, କାନାଡ଼ା)**

**ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ....**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan